୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.177 Bhubaneswar Tuesday August 20 2024 ୨୬ତମ ବର୍ଷ ସଂଖ୍ୟା-୧୭୭ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ସିଏମଓ ମାଗିଲା ତାଲିକା: ନୂଆ ସରକାରରେ କାହାକୁ କେଉଁଠି ଥଇଥାନ କରିଛ




ଭୁବନେଶ୍ୱର,୧୯।୮(ପିଏନ):ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ କେଉଁ କର୍ମଚାରୀ ଓ ଅଫିସରଙ୍କୁ କେଉଁଠି ଥଇଥାନ କରାଯାଇଛି, ସେ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) ରିପୋର୍ଟ ତଲବ କରିଛି । ସିଏମଓଙ୍କ ଏଭଳି ଆଭିମୁଖ୍ୟ ଦେଖିବା ପରେ ନଗର ଉନ୍ନୟନ ବିଭାଗରେ ଗତମାସରେ ଥଇଥାନ ହୋଇଥିବା ଅବସରପ୍ରାପ୍ତ ବରିଷ୍ଠ ଓଏଏସ୍ ଶାରଦା ପ୍ରସାଦ ପଣ୍ଡା ନିଜଆଡୁ ଇସ୍ତଫା ଦେଇ ପଳାଇଥିବା ଜଣାପଡିଛି ।ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଚଳିତମାସ ୧୪ତାରିଖରେ ସମସ୍ତ ସଚିବଙ୍କ ନିକଟକୁ 'ୟୁଓଆଇ ନୋଟ୍ ନମ୍ବର-୭୩/ସିଏମ' ପଠାଇଛନ୍ତି । ରାଜ୍ୟରେ ଜୁନ୍ ୧୨ତାରିଖରେ ମୋହନ ଚରଣ ମାଝୀଙ୍କ ସରକାର ଆସିବା ପରେ କେଉଁ ଅବସରପ୍ରାପ୍ତ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ତା'ର ତାଲିକା ୩ଦିନ ମଧ୍ୟରେ ପଠାଇବାକୁ କହିଥିଲେ । ସଚିବମାନେ ମଧ୍ୟ ନିଜନିଜ ବିଭାଗ ଅଧୀନରେ ଥିବା ବିଭିନ୍ନ ନିର୍ଦ୍ଦେଶାଳୟ, ନିଗମ ଓ ବୋର୍ଡକୁ ଏଭଳି ଅବସରପ୍ରାପ୍ତଙ୍କ ପୁନଃଥଇଥାନର ତାଲିକା ଦେବାକୁ କହିଛନ୍ତି । କେଉଁ କର୍ମଚାରୀଙ୍କୁ କେବେ ପୁନଃଥଇଥାନ କରାଯାଇଛି ଓ ସେମାନଙ୍କର କାର୍ଯ୍ୟକାଳ ଅବଧି କେବେ ପର୍ଯ୍ୟନ୍ତ ରହିଛି ତାହା ଜଣାଇବାକୁ କହିଛନ୍ତି । ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପୁନଃନିଯୁକ୍ତିକୁ ନେଇ ବଢୁଥିବା ଅସନ୍ତୋଷକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଏଭଳି ପଦକ୍ଷେପ ନେଇଥିବା ଆକଳନ କରାଯାଉଛି ।



ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ପର୍ଯ୍ୟବେକ୍ଷକ ପରିବାରର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

## ପୁରୀରେ ପୂର୍ବ ଶତ୍ରୁତାକୁ ନେଇ ହାଣିଲେ ଦୁର୍ବୃତ୍ତ, ଯୁବକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର

ପୁରୀ,୧୯।୮(ପି.ଏନ): ଟାଉନ୍ ଥାନା ଅଞ୍ଚଳରେ ଜନଗହଳି ଭିତରେ ଆଜି ସନ୍ଧ୍ୟାରେ ଜଣେ ଯୁବକଙ୍କୁ ତିନିରୁ ୪ ଜଣ ଦୁର୍ବୃର୍ତ୍ତ ଅତର୍କିତ ଆକ୍ରମଣ କରିଛନ୍ତି। କଟୁରୀ ଚୋଟରେ ଯୁବକ ଜଣକ ଲହୁଲୁହାଣ ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ବ୍ୟକ୍ତି ହେଲେ ହରିହର ସାହୁ।ସୂଚନା ଅନୁସାରେ ଟାଉନ୍ ଥାନା ହାଡଗୋଡିଆ ଛକ ଦେଇ ଆଜି ସନ୍ଧ୍ୟା ସମୟରେ ହରିହର ସାହୁ ଚାଲିଚାଲି ଯାଉଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ୩ରୁ ୪ ଜଣ ଘଟଣାସ୍ଥଳକୁ ପହଞ୍ଚି ଥିଲେ। ହରିହର କିଛି କହିବା ପୂର୍ବରୁ ଅତର୍କିତ ଭାବେ କଟୁରୀରେ ହାଣିଥିଲେ। ଆକ୍ରମଣର ଶିକାର ହୋଇ ହରିହର ଚିତ୍କାର କରୁଥିଲେ ମଧ୍ୟ ସେମାନେ କିଛି ଶୁଣୁ ନଥିଲେ। ଶେଷରେ ହରିହର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ଛଟପଟ ହେଉଥିବା ବେଳେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୯ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ରକ୍ତରେ ଭିଜିଲା ରାକ୍ଷୀ: ଛୁରୀ ଭୁଷି ଭଉଣୀକୁ ମାରିଦେଲା ଭାଇ





ଭୁବନେଶ୍ୱର,୧୯।୮(ପି.ଏନ): ରାକ୍ଷୀ ପୂର୍ଣ୍ଣିମାରେ ରକ୍ତରେ ଭିଜିଲା ରାକ୍ଷୀ। ଆଉ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲା ଭାଇ। ଯେଉଁ ଭାଇର ଦୀର୍ଘାୟୁ କାମନା କରି ତା' ହାତରେ ବାନ୍ଧିଥିଲା ରାକ୍ଷୀ, ଆଜି ସିଏ ପାଲଟିଲା ନର ରାକ୍ଷସ। ଚିର ଦିନ ପାଇଁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଦିନ ଦି'ପହରରେ ସାନ ଭାଉଣୀକୁ ଅତି ବୀଭତ୍ସ ଭାବେ ଛୁରୀରେ ଭୁଷି ହତ୍ୟା କରିଛି। ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ବଡବଜାର ଥାନା ଅଞ୍ଚଳରେ ଘଟିଛି।୧୩ ବର୍ଷୀୟା ପ୍ରଯୋକ୍ତା ପାଣିଗ୍ରାହୀ ଓ ତାଙ୍କ ଭାଇ ଆୟୁଷ୍ମାନ ପାଣିଗ୍ରାହୀ ବଡବଜାର ଥାନା ସପ୍ତମ ଗଳିରେ ରହୁଥିବା ନିଜ ସମ୍ପର୍କୀୟ ବଡବାପାଙ୍କ ଘରକୁ ଆସିଥିଲେ। କାରଣ ତାଙ୍କ ଘରେ ଚାଲିଥିଲା ଶ୍ରାଦ୍ଧ ପୂଜା। ଘରର ତଳ ମହଲାରେ ପୂଜା ଚାଲିଥିବା ବେଳେ ଉପର ମହଲାରେ ପ୍ରଯୋକ୍ତା, ଭାଇ ଆୟୁଷ୍ମାନ ଓ ସମ୍ପର୍କୀୟ ଭାଇ ଆଶୁତୋଷ ପାଣିଗ୍ରାହୀ ଥିଲେ। ହଠାତ୍ ଚିତ୍କାର ଶୁଣି ପରିବାର ଲୋକେ ଉପର ମହଲାକୁ ଧାଇଁ ଯାଇଥିଲେ।

## ଆମ୍ବୁଶ ଲଗାଇ ଆତଙ୍କବାଦୀଙ୍କ ଆକ୍ରମଣ, ଜଣେ ସିଆରପିଏଫ୍ ଅଧିକାରୀ ସହିଦ



ନୂଆଦିଲ୍ଲୀ,୧୯।୮(ପି.ଏନ): ଜମ୍ମୁ ଓ କଶ୍ମୀରର ଉଧାମପୁର ଜିଲ୍ଲାର ଡୁଡୁ ଅଞ୍ଚଳରେ ଆତଙ୍କବାଦୀଙ୍କ ଗୁଳିରେ ସୋମବାର ସହିଦ ହୋଇଛନ୍ତି ଜଣେ ସିଆରପିଏଫ୍ ଅଧିକାରୀ। ମୃତ ଅଧିକାରୀ ସିଆରପିଏଫରେ ଇନ୍ସପେକ୍ଟର ଥିଲେ। ଡୁଡୁ ପୁଲିସ୍ ଷ୍ଟେସନଠାରୁ ପ୍ରାୟ ୮ କିଲୋମିଟର ଦୂରରେ ସିଆରପିଏଫର ଏକ ପୋଷ୍ଟ ନିର୍ମାଣ ଚାଲିଛି। ଏହି ପୋଷ୍ଟ ନିର୍ମାଣ କାର୍ଯ୍ୟ ଶେଷ ହେଲେ ସେଠାରେ ସିଆରପିଏଫ୍‌ର ଏକ ବାଟାଲିୟନକୁ ମୁତୟନ କରାଯିବ। ସେହି ପୋଷ୍ଟର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଦେଖିବା ପାଇଁ ଏକ ଟିମ୍ ନେଇ ସେଠାକୁ ଯାଇଥିଲେ ସହିଦ ହୋଇଥିବା ଏହି ସିଆରପିଏଫ ଇନ୍ସପେକ୍ଟର। ସେତେବେଳେ ଆତଙ୍କବାଦୀମାନେ ଆମ୍ବୁଶ ଲଗାଇ ସେମାନଙ୍କ ଉପରେ ଗୁଳିମାଡ କରିଥିଲେ। ଏହି ଗୁଳିମାଡରେ ଇନ୍ସପେକ୍ଟରଙ୍କର ମୃତ୍ୟୁ ଘଟିଥିଲା।

## କଂଗ୍ରେସ ନେତାଙ୍କ ଚେତାବନୀ, ରାଜ୍ୟପାଳ ନିର୍ଦ୍ଦେଶ ଫେରାଇ ନନେଲେ ବାଂଲାଦେଶ ଭଳି ସ୍ଥିତି ହେବ

ଭୁବନେଶ୍ୱର,୧୯।୮(ପି.ଏନ): ଜମି ଦୁର୍ନୀତି ମାମଲାରେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ବିରୋଧରେ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ପ୍ରତ୍ୟାହାର ନକଲେ ବାଂଲାଦେଶ ଭଳି ସ୍ଥିତି ଉତ୍ପନ୍ନ ହେବ ବୋଲି ଚେତାବନୀ ଦେଇଛନ୍ତି କଂଗ୍ରେସ ନେତା ତଥା ବିଧାନ ପରିଷଦ ସଦସ୍ୟ ଇଭାନ ଡି'ସୌଜା। ରାଜ୍ୟପାଳ ତାଙ୍କ ନିର୍ଦ୍ଦେଶ ପ୍ରତ୍ୟାହାର କରି ନିଅନ୍ତୁ ବୋଲି ଦାବି କରି କର୍ଣ୍ଣାଟକାର ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ କଂଗ୍ରେସ କର୍ମୀ ଓ ନେତାମାନେ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା ଆଦି କରୁଛନ୍ତି। ମେଙ୍ଗାଲୁରୁରେ ଏଭଳି ଏକ ବିକ୍ଷୋଭ ସଭାରେ ଇଭାନ ଡି'ସୌଜା କହିଥିଲେ ଯେ ଯଦି ରାଜ୍ୟପାଳ ତାଙ୍କ ନିର୍ଦ୍ଦେଶ ପ୍ରତ୍ୟାହାର ନ କରନ୍ତି ଅବା ରାଷ୍ଟ୍ରପତି ତାଙ୍କୁ ଏଭଳି କହିବାକୁ ନିର୍ଦ୍ଦେଶ ନଦିଅନ୍ତି, ତା'ହେଲେ ତାଙ୍କ (ରାଜ୍ୟପାଳଙ୍କ) ଅବସ୍ଥା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭଳି ହେବ।

## ଆମେରିକା କୋର୍ଟର ବଡ ରାୟ: ଭାରତକୁ ଫେରିବ ୨୦୦୮ ହମଲାର ମାଷ୍ଟରମାଇଣ୍ଡ !





ଭୁବନେଶ୍ୱର,୧୯।୮(ପି.ଏନ): ପାକିସ୍ତାନ ବଂଶୋଦ୍ଭବ କାନାଡା ବ୍ୟବସାୟୀ ତହବୁର ରାଣାକୁ ବଡ ଝଟକା। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅନ୍ୟତମ ମାଷ୍ଟର ମାଇଣ୍ଡ ରାଣାକୁ ଭାରତକୁ ଫେରାଇ ଦେବା ପାଇଁ ଆମେରିକାର ଗୋଟିଏ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।US Court of Appeals for the Ninth Circuit ଦୁଇ ଦେଶ ମଧ୍ୟରେ ହୋଇଥିବା ପ୍ରର୍ତ୍ୟପଣ ଚୁକ୍ତି ଅନୁସାରେ ରାଣାକୁ ଭାରତ ପଠାଇ ଦେବାକୁ କହିଛନ୍ତି। ଅଗଷ୍ଟ ୧୫ରେ କୋର୍ଟ ଚୁକ୍ତି ଆଧାରରେ ରାଣାର ପ୍ରର୍ତ୍ୟପଣ ନିର୍ଦ୍ଦେଶ ଦେଇଛନ୍ତି ।କାଲିଫର୍ଣ୍ଣିଆର ସେଣ୍ଟ୍ରାଲ ଡିଷ୍ଟ୍ରିକ ପ୍ରଥମେ ରାଣାର ପ୍ରର୍ତ୍ୟପଣ ପାଇଁ ଅନୁମତି ଦେଇଥିଲେ। ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ହମଲାରେ ସେ ସାମିଲ ଥିବାରୁ ତାକୁ ଭାରତ ପଠାଇ ଦେବାକୁ କହିଥିଲେ। ସେ ଏହା ବିରୋଧରେ US Court of Appeals for the Ninth Circuitରେ ଆବେଦନ କରିଥିଲା।

## ରାଜ୍ୟରେ ଡେଙ୍ଗୁ ଆତଙ୍କ: ଦୁଇ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା, ଏହି ସ୍ଥାନରେ ସର୍ବାଧିକ ଚିହ୍ନଟ

ଭୁବନେଶ୍ୱର,୧୯।୮(ପି.ଏନ): ରାଜ୍ୟକୁ ଡେଙ୍ଗୁ ଭୟ ଘାରିଛି । ଚଳିତ ବର୍ଷ ଡେଙ୍ଗୁରେ ଅନେକ ରୋଗୀଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଥିଲେ ହେଁ ସରକାରୀ ଭାବେ ଡେଙ୍ଗୁରେ କାହାର ମୃତ୍ୟୁ ହୋଇ ନଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି । ହେଲେ ଗତକାଲି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଧର୍ମପତ୍ନୀ ଝିଙ୍ଗିଆ ଓରାମଙ୍କର ଡେଙ୍ଗୁରେ ଜୀବନ ଯାଇଥିବା ଏକ ଘରୋଇ ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ସ୍ୱର୍ଗତ ଝିଙ୍ଗିଆଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ଖୋର୍ଦ୍ଧା ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ଏକ କମିଟି ଗଠନ ହୋଇଛି । ଏହି ଟିମ୍ ଘରୋଇ ହସ୍ପିଟାଲ୍ ଯାଇ ସମସ୍ତ ରିପୋର୍ଟ ଯାଞ୍ଚ କରିବା ଆରମ୍ଭ କରିଛି । ଏହାଛଡା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରହୁଥିବା ଲୁମ୍ବିନୀ ବିହାରକୁ ଟିମ୍ ଯାଇ ଡେଙ୍ଗୁ ସମ୍ପର୍କିତ ମଶା ସ୍ଥିତି ଯାଞ୍ଚ ମଧ୍ୟ କରିଛି। ରାଜ୍ୟରେ ଡେଙ୍ଗୁ ପୀଡିତଙ୍କ ସଂଖ୍ୟା ୨୦୭୨ରେ ପହଞ୍ଚିଲାଣି । ଡେଙ୍ଗୁ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି । ବିଶେଷ କରି ଖୋର୍ଦ୍ଧା ଓ ସୁନ୍ଦରଗଡରେ ସ୍ଥିତି ସଙ୍ଗିନ ରହିଛି । ଖୋର୍ଦ୍ଧାରେ ୫୩୭ ଜଣ ଡେଙ୍ଗୁ ରୋଗୀ ଥିବା ବେଳେ ରାଜଧାନୀରେ ୪୦୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେହିପରି ସୁନ୍ଦରଗଡରେ ରୋଗୀଙ୍କ ସଂଖ୍ୟା ୫୭୦ ଏବଂ ରାଉରକେଲାରେ ୪୦୦ ପାର ରହିଛି । ଏହି ଦୁଇଟି ସ୍ଥାନରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡିଛି ।

## କ୍ଷମା ମାଗିଲେ ରଚନା ବାନାର୍ଜୀ, କହିଲେ- ମୋର ସେମିତି କରିବାର ନଥିଲା



ଭୁବନେଶ୍ୱର,୧୯।୮(ପି.ଏନ): ଟିଏମସି ସାଂସଦ ତଥା ଅଭିନେତ୍ରୀ ରଚନା ବାନାର୍ଜୀ କ୍ଷମା ମାଗିଛନ୍ତି। କୋଲକାତାର ସରକାରୀ ହସ୍ପିଟାଲରେ ଦୁଷ୍କର୍ମ ପରେ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କ ନାଁ ସାର୍ବଜନୀନ କରିଥିବାରୁ ସେ ସମସ୍ତଙ୍କୁ କ୍ଷମତା ମାଗିଛନ୍ତି। ସେ ଭୁଲ କରିଥିବା ସ୍ୱୀକାର କରିଛନ୍ତି ଓ ତାଙ୍କର ଏପରି କରିବାର ନଥିଲା ବୋଲି ରଚନା କହିଛନ୍ତି ।ଗୋଟିଏ ସୋଶାଲ ମିଡିଆ ପୋଷ୍ଟରେ କୋଲକାତା ପୀଡିତାଙ୍କ ନାଁ ରଚନା ସାର୍ବଜନୀନ କରି ଦେଇଥିଲେ। ଏନେଇ ତାଙ୍କ ନାଁରେ ପୁଲିସ୍‌ରେ ଅଭିଯୋଗ ମଧ୍ୟ ଦାଖଲ କରାଯାଇଥିଲା। ରଚନା କୋଲକାତା ହରରକୁ ନିନ୍ଦା କରି ଗୋଟିଏ ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ।

## ପିଏମ୍ ଆବାସ ଯୋଜନାରେ ହିତାଧିକାରୀଙ୍କୁ ମିଳିବ ଅଧିକ ଟଙ୍କା

ନୂଆଦିଲ୍ଲୀ,୧୯।୮(ପି.ଏନ): ଖୁସିଖବର। ପିଏମ୍ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଅଧିକ ଟଙ୍କା ମିଳିବ। ହିତାଧିକାରୀଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ମିଳିବ। ସୂଚନା ମୁତାବକ, ପୂର୍ବରୁ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ମିଳୁଥିଲା, ଯାହା ବର୍ତ୍ତମାନ ବୃଦ୍ଧି ଘଟି ୧ ଲକ୍ଷ ୮୦ ହଜାର ଟଙ୍କା। ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କର ସୂଚନା ରହିଛି। ସେ କହିବାନୁଯାୟୀ, ଏନେଇ ଖୁବଶୀଘ୍ର ସଂପୂର୍ଣ୍ଣ ଗାଇଡ ଲାଇନ୍ ଆସିବ।

## ସ୍ପଷ୍ଟ କଲେ ଆଇନ୍ ମନ୍ତ୍ରୀ; ଏଥର ହେବନି ଛାତ୍ର ସଂସଦ ନିର୍ବାଚନ



ଭୁବନେଶ୍ୱର,୧୯।୮(ପି.ଏନ): ଚଳିତ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ। ଆର ବର୍ଷରେ ହେବ କଲେଜ ଇଲେକ୍ସନ। ଅର୍ଥାତ୍ ୨୦୨୫ ମସିହାରେ ହେବ ଛାତ୍ର ସଂସଦ ନିର୍ବାଚନ। ଯାଜପୁର ଜିଲ୍ଲା ବଡଚଣା ନୂଆହାଟ କଲେଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏକଥା ସ୍ପଷ୍ଟ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ଆଇନ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ସାଧାରଣତଃ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ହୋଇଥାଏ। ହେଲେ ରାଜ୍ୟରେ ନୂଆ ସରକାର ଆସିଲା ପରେ ଏଥର କଲେଜ ଇଲେକ୍ସନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିନି। ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଥମେ ଏବର୍ଷ ଆଗେ ସମସ୍ତ କଲେଜରେ ଆନୁଷଙ୍ଗିକ ପ୍ରସ୍ତୁତି କରାଯିବ। ସେ କାମ ସରିଲେ ଆସନ୍ତାବର୍ଷ କଲେଜ ଭୋଟ୍ ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଆଇନମନ୍ତ୍ରୀ।

## ରାଜ୍ୟକୁ ଫେରିବେ ପ୍ରବାସୀ ଓଡିଆ ଶ୍ରମିକ, ପ୍ରତିଶ୍ରୁତି ଦେଲେ ଶ୍ରମମନ୍ତ୍ରୀ



ଭୁବନେଶ୍ୱର,୧୯।୮(ପି.ଏନ): ବାଂଲାଦେଶରେ ଲାଗି ରହିଥିବା ହିଂସା ଥମିବାର ନାଁ ଧରୁନି । ଏଥିମଧ୍ୟରେ ସେଠାରେ ହିଂସାର ଶିକାର ହେଉଥିବା ପ୍ରବାସୀ ଶ୍ରମିକଙ୍କୁ ତୁରନ୍ତ ରାଜ୍ୟକୁ ଫେରାଇଆଣିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ବାଂଲାଦେଶରେ କେତେ ଓଡିଆ ଶ୍ରମିକ ରହିଛନ୍ତି ତା'ର ଏକ ଚିଠା ପ୍ରସ୍ତୁତ ହେଉଛି । ଏନେଇ ସମସ୍ତ ଜିଲ୍ଲାର ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଶ୍ରମ ଅଧିକାରୀମାନେ ନିଜ ନିଜ ଜିଲ୍ଲାର ଅଫିସିଆଲ ଲିଷ୍ଟ ପଠାଇବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି । ପ୍ରାଥମିକ ଭାବେ ଅଫିସିଆଲ ଡାଟା ମୁତାବକ ଯାଇଥିବା ଶ୍ରମିକମାନଙ୍କ ସହ ଯୋଗାଯୋଗ କରାଯିବ । ଏହା ପରେ ନନ୍ ଅଫିସିଆଲ ଭାବେ ଯାଇଥିବା ଶ୍ରମିକଙ୍କ ବାବଦରେ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରାଯିବ ବୋଲି ଶ୍ରମମନ୍ତ୍ରୀ କହିଛନ୍ତି । ଆସନ୍ତା ୧୫-୨୦ ଦିନ ମଧ୍ୟରେ ସେମାନଙ୍କୁ ଫେରାଇ ଅଣାଯିବ ବୋଲି ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ରାଜ୍ୟରେ ଆଉ ଦୁଇ ଦିନ ପ୍ରବଳ ବର୍ଷା: ଆସନ୍ତାକାଲି ପାଇଁ ଏହିସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୯।୮(ପି.ଏନ): ରାଜ୍ୟରେ ଆସନ୍ତା ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ସକାଳ ୮ଟା ୩୦ ଯାଏଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ଆଜି ସକାଳ ସାଢେ ୮ଟାରୁ ଆସନ୍ତାକାଲି ସକାଳ ସାଢେ ୮ଟା ଯାଏଁ ୫ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଦକ୍ଷିଣ ବଙ୍ଗଳାଦେଶ ଓ ତତସଂଲଗ୍ନ ଅଂଚଳରେ ସଦୃଶ ଲଘୁଚାପ ସକ୍ରିୟ ରହିଛି। ଏହା ଅଧିକ ଘନୀଭୁତ ହୋଇ ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆଜି ୱେଲମାର୍କ ଲୋ-ପ୍ରେସରେ ପରିଣତ ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ପ୍ରଭାବରେ ରାଜ୍ୟରେ ଆସନ୍ତା ୨ ଦିନ ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଜି ଅନେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପ୍ରବଳ ବର୍ଷା ଅର୍ଥାତ୍ ୭ରୁ ୨୦ ସେମି ବର୍ଷା ପାଇଁ ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ନବରଙ୍ଗପୁର, ରାୟଗଡା, ଗଂଜାମ କୋରାପୁଟ, ଓ କଳାହାଣ୍ଡି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।ସେହିପରି ଆସନ୍ତାକାଲି ପାଇଁ କେନ୍ଦୁଝର, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ଓ ଝାରସୁଗୁଡା ଏହି ୫ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତା ୨୦ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ୨୧ରୁ ବର୍ଷାର ପ୍ରଭାବ କମିବ ବୋଲି ପୁର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।








# ଟି ଟାଇମ୍ସ

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

ମେଷ: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

କର୍କଟ: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା: ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ଗଣମାଧ୍ୟମ ଓ ଆଜିର ଦୁନିଆ

ଆଜିର ଦୁନିଆରେ ଗଣମାଧ୍ୟମ ବା ପ୍ରେସ ମେଡିଆ ଏକ ଶକ୍ତିଶାଳୀ ଶକ୍ତିରେ ପରିଣତ ହୋଇ ଏକପ୍ରକାର ସାମାଜିକ ବିପ୍ଳବ ଆଣିବାରେ ସଫଳ ହୋଇଛି । "Even the worst dictator will think twice before taking a step because he is in the rader screen of Press." ସାରା ଦୁନିଆର ଯେକୌଣସି କଣରେ ଘଟିଥିବା ଘଟଣା ଦୁର୍ଘଟଣାକୁ ମାତ୍ର କେତେ ମିନିଟ ମଧ୍ୟରେ ସାରା ବିଶ୍ୱରେ ପ୍ରସାରିତ କରି ଏହା ଖାଲି ଲୋକଙ୍କୁ ଜଣାଉନାହାନ୍ତି, ସେ ଘଟଣାର ମାନସ ମନ୍ଥନ କରାଇ ଲୋକମତ ସୃଷ୍ଟି କରି ନିରାକରଣ, ପ୍ରତିଷେଧ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ଚାପ ସୃଷ୍ଟି କରୁଛନ୍ତି, ତାକୁ ପ୍ରତିହତ କରିବା କୌଣସି ଶକ୍ତି ବା ସରକାର ପକ୍ଷରେ ସମ୍ଭବ ହେଉନାହିଁ । ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ । "Eternal Vigilant is the price of Democracy. Power corrupt Absolute power corrupt absolutely." କ୍ଷମତାର ସେହି ସ୍ୱେଚ୍ଛାଚାରୀ ଦାନବମାନଙ୍କୁ କେବଳ ଗଣମାଧ୍ୟମ ହିଁ ଲଗାମ ଦେଇପାରିବ । ତେଣୁ ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ଗଣମାଧ୍ୟମ ଖାଲି ସ୍ୱର ଉଠାଏନି, ଅନେକ ସାହସୀ ସାମ୍ବାଦିକ ମଧ୍ୟ ନିଜର ଜୀବନ ବଳି ଦେଇଛନ୍ତି । ଅତି ପ୍ରାଚୀନ କାଳରୁ ସମ୍ବାଦ ପରିବହନ ପାଇଁ ବାଦ୍ୟ ବଜାଇ, ନିଆଁ ଜାଳି, ତୋପ ଫୁଟାଇ ଲୋକମାନଙ୍କୁ ଅବଗତ କରାଯାଉଥିଲା । ୟୁରୋପରେ ନବଜାଗରଣ ଆନ୍ଦୋଳନ ବେଳେ ଛାପା କଳର ଉଦ୍ଭାବନ ଯୋଗୁ ଏହାର ବ୍ୟବହାର ବୃଦ୍ଧି ପାଇଲା । ଇଂଲଣ୍ଡର ଡେଲି ଟେଲିଗ୍ରାଫ ପୃଥିବୀର ପ୍ରଥମ ସମ୍ବାଦପତ୍ର ଥିଲା। ଫ୍ରାନସ ବିପ୍ଳବ, ଆମେରିକାର ସ୍ୱାଧିନତା ସଂଗ୍ରାମ ସମୟରେ ସମ୍ବାଦପତ୍ରର ଭୂମିକା ବେଶ ବଡ ଥିଲା । ଭାରତରେ ବେଙ୍ଗଲ ଗେଜେଟ ପ୍ରଥମ ସମ୍ବାଦପତ୍ର କଲିକତାରୁ ୧୭୮୪ ମସିହାରେ ବାହାରିଥିଲା । ଅମୃତବଜାର ପତ୍ରିକା, ଷ୍ଟେଟସ୍ମ୍ୟାନ, ହିନ୍ଦୁ, ବମ୍ବେ ହେରାଲଡ ଆଦି ଇଂରେଜି ସମ୍ବାଦପତ୍ର ମାନ ବିଦେଶୀ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲେ (ବେନେଟ କୋଲମାନ) । ସମ୍ବାଦପତ୍ର ସ୍ୱାଧିତତା ଆନ୍ଦୋଳନ ବେଳେ ଯଥେଷ୍ଟ ସହାୟକ ଭୂମିକା ନେଇଥିଲେ । ମହାତ୍ମା ଗାନ୍ଧି କଂଗ୍ରେସର ବାର୍ତ୍ତା ଲୋକଙ୍କ ନିକଟରେ ପହଂଚେଇବା ପାଇଁ ହରିଜନ ଓ ୟଙ୍ଗ ଇଣ୍ଡିଆ ନାମରେ ଦୁଇଟି ସମ୍ବାଦପତ୍ର ବାହାର କରିଥିଲେ । ଏହି ପତ୍ରିକାରେ ସରକାରୀ ବିରୋଧୀ ଲେଖାପାଇଁ ସରକାର ଗାନ୍ଧିଙ୍କୁ ଗିରଫ କରି ଜେଲକୁ ପଠାଇଥିଲେ । ଲୋକମାନ୍ୟ ତିଳକ କେଶରୀ ନାମକ ପତ୍ରିକାରେ ଲେଖିଥିଲେ, "ସ୍ୱାଧିନତା ମୋର ଜନ୍ମଗତ ଅଧିକାର ଯେଥିରୁ କେହି ମୋତେ ବଂଚିତ କରିପାରିବେନାହିଁ ।" ଏଥିପାଇଁ ତାଙ୍କୁ ଛଅ ବର୍ଷ ପାଇଁ ନିର୍ବାସନ ଦଣ୍ଡ ଦିଆହୋଇଥିଲା । ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କର ସମାଜବାଦୀ ଚିନ୍ତାଧାରା ପ୍ରଚାର ପାଇଁ ନେସନାଲ ହେରାଲଡ ପତ୍ରିକା ବାହାର କରିଥିଲେ । ନିଜ ହିନ୍ଦୁତ୍ୱ ଚିନ୍ତାଧାରାର ପ୍ରଚାର ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଷ୍ଟ୍ରଦିପ ଓ ପ୍ରଜନ୍ୟ ନାମକ ଦୁଇଟି ପତ୍ରିକା ପ୍ରକାଶ କରୁଛି । ଆମ ଓଡିଶାରେ ୧୮୬୧ ମସିହାରେ ଉତ୍କଳ ଦିପିକା ନାମକ ପ୍ରଥମ ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ଦ୍ୱାରା ବାହାରିଥିଲା । ନଅଙ୍କ ଦୁର୍ଭିକ୍ଷ, ସ୍ୱତନ୍ତ୍ର ଉତ୍କଳ ଗଠନରେ ଏହି ପତ୍ରିକା ଅସାମାନ୍ୟ ଭୂମିକା ନେଇଥିଲା । ସ୍ୱାଧିନତା ଆନ୍ଦୋଳନ ବେଳେ ଉତ୍କଳମଣି ଗୋପବନ୍ଧୁ ଦାସ ସମାଜ ସମ୍ବାଦପତ୍ର ସ୍ଥାପନ କରିଥିଲେ । ଏବେବି ଓଡିଆ ଖବରକାଗଜକୁ ଲୋକମାନେ ସମାଜ ପେପର ବୋଲି କହୁଛନ୍ତି । ରେଡିଓ ଏକ ନୂତନ ଗଣମାଧ୍ୟମ ରୂପେ ଆବିର୍ଭାବ ହୋଇ ବେଶ ଲୋକପ୍ରିୟ ହୋଇଥିଲା । (୧୯୩୦ ମସିହା) । ୧୯୩୫ ମସିହାରେ ଏହା ଅଲ ଇଣ୍ଡିଆ ରେଡିଓ ବୋଲି ନାମିତ ହେଲା । ୧୯୩୬ ମସିହାରେ ଏହାକୁ ଆକାଶବାଣୀ କୁହାଗଲା । ୧୯୫୯ ମସିହାରେ ଦେଶରେ ଟେଲିଭିଜନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ୨୦୦୬ ମସିହାରେ ରେଡିଓ ସହ ଟିଭି ଶିଳ୍ପକୁ ମିଶାଇ ପ୍ରସାରଭାରତି ବୋଲି କରାଗଲା । ବିଶେଷତଃ ଚୀନ-ଭାରତ ଯୁଦ୍ଧ ବେଳେ ସାରା ଦେଶର କୋଟି କୋଟି ଲୋକ ଗାଁ ଦାଣ୍ଡରେ ଏକତ୍ର ହୋଇ ରେଡିଓରୁ ଖବର ଶୁଣୁଥିଲେ । ପରେ ଗଣମାଧ୍ୟମ ସଂପ୍ରସାରିତ ହେଲା । ଟେଲିଭିଜନର ପ୍ରଚଳନ ପରେ ଲୋକମାନେ ଏହାପ୍ରତି ଆକୃଷ୍ଟ ହେଲେ । ଲୋକପ୍ରିୟ ସେରିଏଲ ରାମାୟଣ ଓ ମହାଭାରତ ପ୍ରସାର ବେଳେ ଲୋକମାନେ ଆଗ୍ରହରେ ଏହାକୁ ଦେଖିଥିଲେ । ବର୍ତମାନ ଏହା ଏକ ନିଶାରେ ପରିଣତ ହେଲାଣି । ଟିଭି ମାଧ୍ୟମରେ ଖବର, ଚଳଚ୍ଚିତ୍ର, ଖେଳ, ଗୀତ, ଗେମ ସବୁ ଉପଲବ୍ଧି ହେବାରୁ ଅନେକ ଚାନେଲ କାର୍ଯ୍ୟ କରୁଛନ୍ତି । ଏହାକୁ ଇଲେକ୍ଟ୍ରୋନିକ ମେଡିଆ କୁହାଯାଉଛି । ଏହା ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ ହୋଇଛି । ଶାସନର ଅନେକ ଅନ୍ୟାୟ ଦୁର୍ବଳତା ଲୋକମାନଙ୍କ ନଜରକୁ ଆଣି ଏହା ଏକ ପ୍ରବଳ ଜନମତ ସୃଷ୍ଟି କରୁଛି । ଦିଲ୍ଲୀର ତନ୍ଦୁର ଚୁଲ୍ଲିରେ ହତ୍ୟା ଘଟଣା, ନିର୍ଭୟା ହତ୍ୟା ଓ ଧର୍ଷଣ ଘଟଣାରେ ଦୋଷୀକୁ ଦଣ୍ଡ ପାଇବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡିଶାରେ ଅଂଜନା ମିଶ୍ର ଧର୍ଷଣ ଘଟଣାରେ ଗଣମାଧ୍ୟମର ଚାପ ଏପରି ପଡିଲା ଯେ ସରକାର ମଧ୍ୟ ଭାଙ୍ଗିଗଲା । ବର୍ତମାନ ଇଂଟରନେଟର ପ୍ରସାର ଫଳରେ ସୋସିଆଲ ମେଡିଆର ବ୍ୟାପକ ପ୍ରସାର ହୋଇଛି । ଘରେ ବସି ଫେସ ବୁକ, ହ୍ୱାଟସ ଅପ, ଟ୍ୱିଟର ମାଧ୍ୟମରେ ବ୍ୟକ୍ତି ନିଜର ମତ ନିଜର ଅଭିଜ୍ଞତା ସାରା ଦୁନିଆକୁ ଜଣାଇ ଅନ୍ୟ ସହ ଯୋଡି ହୋଇ ପାରୁଛି । ଏହିସବୁ ଗଣମାଧ୍ୟମର ବୃଦ୍ଧି ସଙ୍ଗେ ସଙ୍ଗେ ଅନେକ ଅନିଷ୍ଟକର ପାର୍ଶ୍ୱପ୍ରତିକ୍ରିୟା ବାହାରିଲାଣି । ଗଣମାଧ୍ୟମଗୁଡିକ ପୁଂଜିପତିମାନଙ୍କ ଦ୍ୱାରା ପରିଚାଳିତ । ସେମାନେ ନିଜର ସ୍ୱାର୍ଥ ପାଇଁ ଏହାକୁ ବ୍ୟବହାର କରନ୍ତି । ଆମର ଗଣମାଧ୍ୟମ ବାମପନ୍ଥୀଙ୍କ ସମର୍ଥକ ବୋଲି ବିଶ୍ୱାସ କରାଯାଏ । ସେମାନେ ଅନେକ ସମୟରେ ବାମପନ୍ଥୀ ଆତଙ୍କବାଦୀଙ୍କୁ ସମର୍ଥନ କରୁଛନ୍ତି ବୋଲି ଅଭିଯୋଗ ଉଠୁଛି । ସେଥିପାଇଁ କେନ୍ଦ୍ରର ଦକ୍ଷିଣପନ୍ଥୀ ବିଜେପି ସରକାର ସହ ମତପାର୍ଥକ୍ୟ ଲାଗିରହିଛି । ଅନେକ ମିଥ୍ୟା ଖବର, ଅତିରିକ୍ତ ଖବରମାନ ପ୍ରଚାରିତ ହେଉଛି । ଦିଲ୍ଲୀର ମୁଖ୍ୟମନ୍ତ୍ରୀ କେଜିରୱାଲ ଗଣମାଧ୍ୟମର ସାମାଜିକ ବିଚାର ଦାବି କରିଥିଲେ । ସ୍ୱର୍ଗତଃ ଅରୁଣ ଜେଟଲି ମଧ୍ୟ କଟାକ୍ଷ କରି କହିଥିଲେ-There is flood of Chanells but dearth of facts. ଆମର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦିପକ ମିଶ୍ର ମଧ୍ୟ କହିଥିଲେ-"Journalist can not write any thing they imagined, thinking they are sitting upon a pulpit." କେତେକ ଗଣମାଧ୍ୟମରେ ମିଥ୍ୟା ଖବର ବିଜ୍ଞାପନ ଦେଇ ନିରିହ ଲୋକଙ୍କୁ ବୋକା ବନାଇ ଦିଆଯାଇଛି । ନିଜର ଗଣମାଧମ କ୍ଷମତା ବ୍ୟବହାର କରି ଲୋକଙ୍କଠାରୁ ଅର୍ଥ ଆଦାୟ କରିବା ଭଳି ଘଟଣା, ଫେସ ବୁକର ବନ୍ଧୁଙ୍କୁ ବିଶ୍ୱାସକରି ଅନେକ ଯୁବତୀ ଅଧା ନଈରେ ପଡି ଭାସୁଛନ୍ତି । ଶହଶହ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଶକ୍ତିରେ ନିଶାଶକ୍ତ ହୋଇ ଡରାଇ ଅର୍ଥ ଆଦାୟର ଏକ ମାଧ୍ୟମରୂପେ ଏହାକୁ ବ୍ୟବହାର କରିବାର ନଜିର ମଧ୍ୟ ଦେଖିବାକୁ ମିଳୁଛି । ପ୍ରେସ ନାଁ ଗାଡିରେ ଲେଖି ନିଶା ଜିନିଷ ପରିବହନ କରିବା ମଧ୍ୟ ହେଉଛି । ଗଣମାଧମକୁ ନିୟନ୍ତ୍ରଣ କରିବା ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆ ଗଠିତ ହୋଇଛି । ସରକାର ମଧ୍ୟ ସେନସର ବୋର୍ଡ ଦ୍ୱାରା ଏହାଉପରେ ସତର୍କ ଦୃଷ୍ଟି ରଖିଥାଆନ୍ତି । ପ୍ରେସ ସ୍ୱାଧିନତା ବା ଅବାଧ ଗଣମାଧ୍ୟମ ମୁକ୍ତ ଗଣତନ୍ତ୍ରର ଏକ ଅଙ୍ଗ ଧରାଯାଏ । ୧୮୦ଟି ଦେଶରୁ ଭାରତର ସ୍ଥାନ ୧୪୪ ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ । ଜଗତିକରଣ ଫଳରେ ବିଦେଶୀ ମେଡିଆ BBC, CNN, CNB ଦେଶରେ ପାଦ ଥାପିଛନ୍ତି । ସରକାର ପେଷାଦାର ସାମ୍ବାଦିକଙ୍କ ପାଇଁ ସର୍ବନିମ୍ନ ପାରିତୋଷିକ ଆଦେଶ ଦେଇଛନ୍ତି (ବଛାୱତ କମିଶନ) । ସେମାନଙ୍କ ପାଇଁ ବୀମା ବ୍ୟବସ୍ଥା ସହ କୋଭିଡ ଯୋଦ୍ଧାର ମାନ୍ୟତା ଦେଇଛନ୍ତି । ଗଣମାଧମ ସମାଜ ଓ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇଛି ଓ ଶୋଷଣ, ଦୁର୍ନୀତି, ଅନ୍ୟାୟ ବିରୁଦ୍ଧରେ ଲଢିବାର ଶ୍ରେଷ୍ଠ ଅସ୍ତ୍ରରେ ପରିଣତ ହୋଇଛି, ଏଥିରେ କୌଣସି ଦ୍ୱିମତ ନାହିଁ ।

—ରଥଯାତ୍ରାରେ ପରିବେଶ ସୁରକ୍ଷାର ବାର୍ତ୍ତା—

# ତୂଳୀରେ ଦାରୁବ୍ରହ୍ମ ପାଇଁ ଗଛଟିଏ



ଭୁବନେଶ୍ୱର (ପିଏନ୍): ଜୁଲାଇ ମାସ ୧ ତାରିଖ ଦାରୁ ଦିଅଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। କାଳିଆ ସାଆନ୍ତ ସେ ବ୍ରହ୍ମାଣ୍ଡ ଠାକୁର। ଅତି ଆପଣାର ସେ ଦାରୁ ଦେବତା। ଏହି ପବିତ୍ର ରଥଯାତ୍ରା ଅବସରରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ୮ ବର୍ଷ ବୟସର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ଭାବ, ଭକ୍ତି ଓ ଶ୍ରଦ୍ଧାର ସହ ନିଖୁଣ ସହ ଆଙ୍କିଛନ୍ତି ଦାରୁ ମଧ୍ୟରେ ମହାପ୍ରଭୁ ଦାରୁବ୍ରହ୍ମଙ୍କ ଚିତ୍ର। ସାରା ବିଶ୍ୱକୁ ଚିତ୍ରରେ ଦେଇଛନ୍ତି ଏକ ନିଆରା ବାର୍ତ୍ତା। ଶାନ୍ତନୁଙ୍କୁ ଏ ଚିତ୍ର ସମ୍ପର୍କରେ ପଚାରିଲେ କୁହନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ କେବଳ ଯେ ଦାରୁଦେବତା ନୁହଁନ୍ତି, ତାଙ୍କର ରଥ ମଧ ଦାରୁରେ ନିର୍ମିତ ହୋଇଥାଏ। ଭକ୍ତଙ୍କୁ ଦର୍ଶନ ଦେବା ଲାଗି ଦାରୁବ୍ରହ୍ମ ଏ ଦାରୁ ରଥରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ଦାରୁବ୍ରହ୍ମ ଓ ଦାରୁ ରଥର ନିର୍ମାଣ ପାଇଁ ଲୋଡ଼ା ପଡ଼ିଥାଏ ଦାରୁ। ଏ କାଠ ବିଭିନ୍ନ ଜଙ୍ଗଲରୁ ସଂଗ୍ରହ ହୋଇ ଆସିଥାଏ। ତତ୍‌ସହିତ ନୂତନ ଦାରୁ ବିଗ୍ରହ ନିମନ୍ତେ ନିମ୍ବକାଠ ମଧ ଦରକାର ହୋଇଥାଏ। ଏସବୁ ସତ୍ତ୍ୱେ ଏବେ ବି ଦାରୁ ସନ୍ଧାନ ପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି। ଦାରୁଦେବତାଙ୍କ ଆଶୀର୍ବାଦ ପାଇଁ ଏବଂ ପ୍ରକୃତି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ଯଥେଷ୍ଟ ବୃକ୍ଷ ରୋପଣର ଆବଶ୍ୟକତା ରହିଛି। ପ୍ରକୃତି ଓ ପରିବେଶ ପାଇଁ ବୃକ୍ଷର ଆଶୀର୍ବାଦ ସର୍ବଦା ଲୋଡ଼ା ପଡ଼ିଥାଏ। ଏହି ପବିତ୍ର ଦିବସ ଅବସରରେ ପ୍ରତିଟି ଭକ୍ତ, ଶ୍ରଦ୍ଧାଳୁ ଦାରୁବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଗଛଟିଏ ଲଗାଇବେ ତେବେ ଦାରୁବ୍ରହ୍ମଙ୍କ ଆଶୀର୍ବାଦ ନିଶ୍ଚିତ ପ୍ରାପ୍ତି ହେବ। ସେ ଦାରୁ ରୂପରେ ହେଉ ଅବା ଦାରୁବ୍ରହ୍ମ ରୂପରେ ହେଉ ବୋଲି ଶାନ୍ତନୁ କୁହନ୍ତି। କଅଁଳ ବୟସରେ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ଭୁବନେଶ୍ୱର ଭୀମଟାଙ୍ଗିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡ଼ିଛି।

# ଆମ୍ବୁଆପୋଶିଠାରେ ଭାଗବତ ପାରାୟଣ ଉଦ୍‌ଯାପିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଆମ୍ବୁଆପୋଶି ଗ୍ରାମସ୍ଥ ଆମ୍ବୁଆପୋଶି ସାହିରେ ଦୀର୍ଘ ମାସାଧିକ କାଳ ଭାଗବତ ପଠନ ପରେ ଭାବଗତ ପାରାୟଣ ଗତ ତା-୨୧.୦୬.୨୨ରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ପୁରୋହିତ ଗୌରାଙ୍ଗ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଭାଗବତ ପଠନ ଓ ପୂଜା କାର୍ଯ୍ୟ ଯଥାବିଧି ସମାପନ ହୋଇଥିଲା । ସନ୍ଧ୍ୟା ୬ ଘଟିକା ସମୟରେ ଭାଗବତ ପଠନର ଉପକାରିତା ସମ୍ବନ୍ଧୀୟ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଉପ-ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ କେନ୍ଦୁଝର ସଂଜୀବ କୁମାର ବାରିକ୍ ମୁଖ୍ୟଅତିଥି, ଭାଗବତ ଗବେଷକ ଡଃ ପ୍ରଫୁଲ ମିଶ୍ର ମୁଖ୍ୟବକ୍ତା, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଓ ସମାଜସେବୀ ଚତୁର୍ଭୁଜ ହୋତା, ଜିଲ୍ଲା ତଥା ରାଜ୍ୟର ସୁପ୍ରତିଷ୍ଠ ବରିଷ୍ଠ ପାଲାକାର ନାରାୟଣ ଚନ୍ଦ୍ର ଦାଶ, ସନ୍ତୋଷୀ ମା' ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅମୀୟ ସାମନ୍ତରାୟ, ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତିର ଅଧ୍ୟକ୍ଷ ଆଚାର୍ଯ୍ୟ ଦାଶରଥି ପ୍ରଧାନ, ଉପଦେଷ୍ଟା ଭଜମନ ବେହେରା ଓ ବ୍ଲକ ସଭାପତି ପ୍ରସନ୍ନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାଗବତ ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ପ୍ରମୁଖ ଦୈନିକ ଭାଗବତ ପଠନ କରାଗଲେ ବର୍ତ୍ତମାନର ଅବକ୍ଷୟମୁଖୀ ସମାଜର କଲ୍ୟାଣ ସାଧିତ ହୋଇପାରିବ ବୋଲି କହିଥିଲେ । ଆଲୋଚନାରେ ଭାଗ ନେଇ ନେଲୁଙ୍ଗ ଗ୍ରାମପଂଚାୟତର ସରପଂଚ ଚନ୍ଦ୍ରମଣୀ ସିଂହ ନାରୀଜାତିଙ୍କ ମଧ୍ୟରେ ଭାଗବତର ପ୍ରସାର ହେଲେ ଏକ ସୁସ୍ଥ ପରିବାର ସହ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିବା ମୁଖ୍ୟ ବିନ୍ଧାଣୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ହୋତା ବହୁ ଶ୍ରମ ସ୍ୱୀକାର କରି ଏ ପ୍ରକାରର ଭାଗବତ ଆୟୋଜନ କରିଥିବା ହେତୁ ଉପସ୍ଥିତ ବକ୍ତା ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଏହାର ବହୁ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ ଯୋଗାଇଦେବେ ବୋଲି ପ୍ରକାଶ କରିଥିଲେ । ପରିଶେଷରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଡ ମୌମିତା ଦେବନାଥ ପାଇଁ ସମୂହ ଦୀପ ଦାନ

ବାଲିଅନ୍ତା,(ପି.ଏନ):ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ପଞ୍ଚାୟତର ହୀରାପୁର ଗଡ କାଣ୍ଟୁଣିଆ ସ୍ଥିତ ଶ୍ରୀ ସୁଦର୍ଶନ ଦାରୁ ପୀଠ ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାରେ ଡ ମୌମିତା ଦେବନାଥ ପାଇଁ ସମୂହ ଦୀପ ଦାନ ସହିତ ଘଟଣାରେ ସଂପୃକ୍ତ ଦୋଷୀ କଠୋର ଦଣ୍ଡ ପାଇବା ନେଇ ଅଗ୍ରଣୀ ସ୍ୱ ?ଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ପକ୍ଷରୁ ଆୟୋଜନ କାର୍ଯ୍ୟକ୍ରମରେ ଅନୁଷ୍ଠାନ ର ମୁଖ୍ୟ ଦୀନବନ୍ଧୁ ଭୋଇ , ସମିତି ସଭ୍ୟ ତଥା ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ସମାଜସେବୀ ବିଜୟ କୁମାର ମହାରଣା, ସମାଜସେବୀ, ବ୍ରଜବନ୍ଧୁ ଠାକରେ, କବି ରାମହରି , ପ୍ରସନ୍ନ କୁମାର ସେଠୀ, ଲକ୍ଷ୍ମଣ ଜେନା, ହରି ମହାରଣା ଉମାକାନ୍ତ ବେହେରା, ନିଜ ବକ୍ତବ୍ୟ ମାଧ୍ୟମରେ ମୃତ ଡାକ୍ତର ପ୍ରତି ହୋଇଥିବା ଦୁଷ୍କର୍ମ ରେ ସଂପୃକ୍ତ ଦୋଷୀକୁ କଠୋରରୁ କଠୋର ଦଣ୍ଡ ପ୍ରଦାନ ସହିତ ଏକ ଦୃଷ୍ଟାନ୍ତ ମୂଳକ ଦଣ୍ଡ ହେବା ଆବଶ୍ୟକ ଯେ ପରି ଆଗକୁ ଏହି ଘଟଣା ପୁନାରବୃତି ନ ହେବ ।

—ବନ ମହୋତ୍ସବ ସପ୍ତାହ—

# ବଣ ତିଆରିରେ ବନବାସିନୀ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଜୁଲାଇ ମାସ ୧ ତାରିଖରୁ ସପ୍ତାହ ବ୍ୟାପୀ ଆମ ଦେଶରେ ବନ ମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଳେଇର ବନବାସିନୀମାନେ ଏ ନେଇ ବନ ମହୋତ୍ସବ ପାଳନ ଅବସରରେ ମହତ୍ ପ୍ରୟାସ ଆରମ୍ଭ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ , ଏମାନେ ସବୁଜିମା ବଳୟ ମଧ୍ୟରେ ରହନ୍ତି। ଗଛ ହେଉଛି ଏମାନଙ୍କ ପ୍ରାଣ। ଜଙ୍ଗଲକୁ ଏମାନେ ଆଦର କରିଥାନ୍ତି। ବିଭିନ୍ନ ସମୟରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଚନ୍ଦକା ଜଙ୍ଗଲର ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ଜଙ୍ଗଲର ସବୁଜିମା ପୁନରୁଦ୍ଧାର କରିବା ପାଇଁ ଆଦିବାସୀମାନେ ଚିନ୍ତା କରିଥିଲେ। ତେବେ ବାଟ ପାଇନଥିଲେ। ଏ ନେଇ ଏହି ଅବସରରେ ଗାଁରେ ବନବାସିନୀମାନଙ୍କୁ ନେଇ ଆରମ୍ଭ ହୋଇଛି ବିହନ ପେଣ୍ଡୁ ପ୍ରସ୍ତୁତି କାର୍ଯ୍ୟକ୍ରମ।



ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବନବାସିନୀମାନେ ମାଟି, ଗୋବର ଖତ ସହିତ ତେନ୍ତୁଳି ମଞ୍ଜିକୁ ଗୋଳାଇ ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ବିହନ ପେଣ୍ଡୁ ତିଆରି କରିପାରିଛନ୍ତି। ଏହି ବିହନ ପିଣ୍ଡୁଳାଗୁଡ଼ିକ ଅଭୟାରଣ୍ୟର ଟାଙ୍ଗରା ଭୂଇଁରେ ନିକ୍ଷେପ କରାଯିବ। ଏହି ପ୍ରକ୍ରିୟା ମାଧ୍ୟମରେ ୫୦ ପ୍ରତିଶତ ଗଛ ସୃଷ୍ଟି ହୋଇପାରିଥାଏ। ବର୍ଷା ଋତୁରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କମ୍ ସମୟରେ ପ୍ରଭାବୀ ବନୀକରଣ ହେବା ସହ ଆଦିବାସୀମାନଙ୍କ ଜୀବିକାକୁ ମଧ ସୁଦୃଢ଼ ହୋଇପାରିବ ବୋଲି ସୁଶାନ୍ତ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସନ୍ତୋଷୀ ଜୈନ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବନବାସିନୀଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ବନୀକରଣ କାର୍ଯ୍ୟକୁ ବହୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି। ସ୍ଥାନୀୟ ସରପଞ୍ଚ ବିଷ୍ଣୁ ପ୍ରସାଦ ଢ଼େଙ୍ଗ ବନବାସିନୀମାନଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିବାର ଜଣାପଡ଼ିଛି।

# ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କ ବିକାଶ ପାଇଁ ସହଯୋଗର ହାତ ବଢାଇଲା ମାରଓ୍ୱାଡ଼ି ମହିଳା ସମିତି



ଭୁବନେଶ୍ୱର (ପିଏନ୍): ଖରା ଛୁଟି ଚାଲିଛି। ଛୁଟି ପରେ ସ୍କୁଲ୍ ଖୋଲିବ। ନୂଆ ଶିକ୍ଷାବର୍ଷ ଆରମ୍ଭ ହେବ। କିଭଳି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସି ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରିବେ, ଏ ନେଇ ରାଜଧାନୀ ଉପକଣ୍ଠରେ ଥିବା ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀପଲ୍ଲୀ କନ୍ଦଳେଇ ଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଫନି ବାତ୍ୟାରେ ବିଦ୍ୟାଳୟରେ ଲାଗିଥିବା ଦୁଇଟି ସିଲିଂ ପଙ୍ଖା ନଷ୍ଟ ହୋଇଯାଇଥିଲା। ଯଦ୍ୱାରା ବିଦ୍ୟାର୍ଥୀମାନେ ଶ୍ରେଣୀଗୃହରେ ତାତିରେ ଆଉଟ ପାଉଟ ହୋଇଯାଆନ୍ତି। ପାଠରେ ମନ ଲାଗୁନଥିଲା। ବିଦ୍ୟାର୍ଥୀମାନଙ୍କର ଏତାଦୃଶ ଖବର ଶୁଣି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ମାରଓ୍ୱାଡି ମହିଳା ସମିତି ପକ୍ଷରୁ ସରକାରୀ କନ୍ଦଳେଇ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଦୁଇଟି ସିଲିଂ ପଙ୍ଖା ଯୋଗାଇ ଦିଆଯାଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପ୍ରତିଟି ଆଦିବାସୀ ବିଦ୍ୟାର୍ଥୀମାନଙ୍କୁ ଖାତା, କଲମ, ପେନ୍‌ସିଲ୍, ସ୍ଲେଟ, ରବର, ଡ୍ରଇଂ ବାକ୍ସ ଇତ୍ୟାଦି ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ସମିତିର ସଭ୍ୟା ସନ୍ତୋଷୀ ଜୈନ, ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ଓ ସୁଶାନ୍ତ ସାହୁଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀଙ୍କୁ ପାଠ୍ୟ ଉପକରଣ ସାମଗ୍ରୀ ସହ ଦୁଇଗୋଟି ସିଲିଂ ପଙ୍ଖା ହସ୍ତାନ୍ତରିତ କରାଯାଇଛି। ଗାଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ କୁହନ୍ତି, ଆଗାମୀ ଦିନରେ ବିଦ୍ୟାର୍ଥୀ ଏବଂ ବିଦ୍ୟାଳୟର ବିକାଶ ପାଇଁ ପରିବେଶ ଉପଯୋଗୀ ବିଦ୍ୟାଳୟ ସୃଷ୍ଟି ଦିଗରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଏହି ଅବସରରେ ସୂଚନା ଦେଇଥିଲେ। ମାରଓ୍ୱାଡି ମହିଳା ସମିତିର ଏତାଦୃଶ ପଦକ୍ଷେପକୁ ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଢ଼େଙ୍ଗ ଏବଂ ସ୍ଥାନୀୟ ଗ୍ରାମବାସୀମାନେ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଛନ୍ତି।

## ରାଧାକାନ୍ତ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଓ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ପିଏନ୍): ରାଧାକାନ୍ତ ସାହିତ୍ୟ ସଂସଦ ପକ୍ଷରୁ ଅଳପୁଆ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ରଜପର୍ବ ପାଳିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ମୌସୁମୀ ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ଡଃ. ଶ୍ରୀଧର ସାମଲ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ଦେବ ପ୍ରସାଦ ସାମଲ ଓ ଉପରୋକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଆ ସାହିତ୍ୟର କ୍ରମ ବିକାଶ, ପ୍ରାଚୀନ ଓ ଆଧୁନିକ ସାହିତ୍ୟରେ ପରିବର୍ତ୍ତନର ଧାରା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଆରାଧନା ଦାଶ, କବି ସଚିତ୍ର ବେହୁରା ଓ ଗାଳ୍ପିକ ପ୍ରଦୀପ ନାୟକ ସାହିତ୍ୟ ସାମାଜିକ ଜୀବନକୁ କିପରି ପ୍ରଭାବିତ



କରିଥାଏ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କବି ବିଷ୍ଣୁ ଚରଣ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ରଞ୍ଜନ ବାଇ, ସନାତନ ତରାଇ, କାଙ୍ଗାଳି ଚରଣ ଦାସ, ମାଧବ ଚନ୍ଦ୍ର ମଳିକ, ନାରଦ ବିଶ୍ୱାଳ, ବସନ୍ତ ସ୍ୱାଇଁ, ରଶ୍ମିତା ବିଶ୍ୱାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରି ଶ୍ରୋତାମାନଙ୍କୁ ବିମୋହିତ କରିଦେଇଥିଲେ। ସଭାପତି ରାଜ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ, ପ୍ରେମାନନ୍ଦ ସୁତାର ଅତିଥି ପରିଚୟ ଓ ନିମାଇଁ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଗଗନ ଚନ୍ଦ୍ର ମାହାଳିକ, ବିଚିତ୍ର ବେହେରା, ରଞ୍ଜିତ କୁମାର ସାମଲ ଓ ଆନନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଜ୍ରାଘାତରେ ପ୍ରାଚୀନ ବିନୋଦବିହାରୀ ମନ୍ଦିରରୁ ପଥର ଖସିଲା

କେନ୍ଦ୍ରାପଡା, (ପି.ଏନ): ବଜ୍ରାଘାତ ଯୋଗୁଁ କେନ୍ଦ୍ରାପଡା ପୌରା ଳସ୍ଥିତ ଏକ ପ୍ରାଚୀନ ମନ୍ଦିର ବିନୋଦବିହାରୀ ମନ୍ଦିରରୁ ୧୨ଟି ପଥର ଖସିପଡି ବିପଦ ସୃଷ୍ଟି କରିଛି । ସୋମବାର ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ବଜ୍ରପାତ ଘଟିଥିଲା । ଏହି ବଜ୍ରପାତର ପ୍ରଚଣ୍ଡ ଶବ୍ଦରେ ସାରା କେନ୍ଦ୍ରାପଡା ସହର ଥରି ଉଠିଥିଲା । ଏହା ପ୍ରଭାବରେ ଲୋକମାନେ ଭୟଭୀତ ହୋଇ ପଡିଥିଲେ। କେନ୍ଦ୍ରାପଡା ସହରର କାକଟସ୍ଥିତ ଶ୍ରୀବିନୋଦବିହାରୀ ମନ୍ଦିର ପଛପାର୍ଶ୍ୱ ଦଧିନଉତି ତଳୁ ପ୍ରାୟ ଦୁଇ କ୍ୱି ାଲ ଓଜନର ଏକ ପଥର ତଳକୁ ଖସି ପଡିଥିଲା । ଏହି ପଥର ଖସିବା ବେଳେ ମନ୍ଦିରର ବିଭିନ୍ନ ସ୍ଥାନରେ ଧକ୍କା ଖାଇବା ଦ୍ୱାରା ଆଉ ୧୧ଟି ପଥର ମନ୍ଦିରରୁ ଖସି ପଡିଛି । ସମୁଦାୟ ୧୨ଟି ପଥର ଏହି ପ୍ରାଚୀନ ମନ୍ଦିରରୁ ଖସିବା ଦ୍ୱାରା ମନ୍ଦିର ପ୍ରତି ବିପଦ ସୃଷ୍ଟି ହୋଇଛି । ଦଧିନଉତି ମଧ ବାଙ୍କି ଯାଇଛି । ବଜ୍ରପାତରୁ ରକ୍ଷା ପାଇବା ପାଇଁ ଆର୍ଥିଂର ବ୍ୟବସ୍ଥା ହୋଇନଥିବାରୁ ଏପରି ଅଘଟଣ ଘଟିଲା ବୋଲି ଜଣେ ବିଶେଷଜ୍ଞ କହିଛନ୍ତି । ଏହି ମନ୍ଦିର ୧୮୬୭ ମସିହାରେ ଆରମ୍ଭ ହୋଇଥିବା ବେଳେ ୧୯୦୫ ମସିହାରେ ଶେଷ ହୋଇଥିଲା । ପୁରା ପଥରରେ କାରୁକାର୍ଯ୍ୟପୂର୍ଣ୍ଣ ଏହି ସୁନ୍ଦର ମନ୍ଦିରଟି ଭକ୍ତମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ଏହି ଦୁର୍ଘଟଣା ପରେ ମନ୍ଦିରର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଘଟିବା ପରେ ବହୁ ଲୋକ ସେଠାରେ ସମବେତ ହୋଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ ।

# ଜଳସେଚନ ଜମି ଜବରଦଖଲ ଯୋଗୁଁ ଜଳ ନିଷ୍କାସନ ସମସ୍ୟା ନେଇ ଚିନ୍ତାରେ ଚାଷୀକୁଳ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ଜବରଦଖଲ ସମସ୍ୟା ବଢି ବଢି ଚାଲିଛି। ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଜନତା ହୀନସ୍ତା ଭୋଗୁଛନ୍ତି। ଗ୍ରାମାଞ୍ଚଳରେ ଜମି ଜବରଦଖଲ ଦୂରର କଥା ଖୋଦ ଜିଲ୍ଲା ସଦର ମହକୁମା ଓ ତା'ର ଆଖପାଖ ଅଞ୍ଚଳରେ ମୂଲ୍ୟବାନ ଦେବୋତ୍ତର ଜମି ସମେତ ସରକାରୀ ଗୋଚର, ଅନାବାଦୀ ଜମି ସମେତ ଜଳସେଚନ ବିଭାଗର କେନାଲ ବନ୍ଧ ଜମି ଓ ନୟନଜୋରୀ ଜମିକୁ ମାଡିବସି ଘର କରିବା ସହିତ ବେପାର କରିବା ଯୋଗୁଁ ଘୋର ସମସ୍ୟା ସୃଷ୍ଟି କରିଛି। କେନ୍ଦ୍ରାପଡା ସହର ଉପକଣ୍ଠ ଗୁଲନଗର ଗ୍ରାମ ସନ୍ନିକଟ କଟକ- ଚାନ୍ଦବାଲି ରାଜ୍ୟ ରାଜପଥର ଦକ୍ଷିଣପାର୍ଶ୍ୱରେ ଥିବା ଶହ ଶହ ଏକର ଚାଷଜମିରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। କାରଣ ସେହି ପାର୍ଶ୍ୱରେ ଜଳସେଚନ ବିଭାଗର ଥିବା ନୟନଜୋରି ଓ କେନାଲକୁ ପୋତି ତାହା ଉପରେ କେତେକ ଲୋକ ଘର କରିଦେଇଛନ୍ତି। ଉଦବୃତ୍ତ ବର୍ଷାଜଳରେ ଲୋକଙ୍କ ଚାଷଜମି ବୁଡିରହିବା ଫଳରେ ଫସଲହାନୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଚାଷୀ। ଗୁଲନଗର ଗ୍ରାମର ଦଣ୍ଡାମୁଣ୍ଡ ଛକ ଅପରପାର୍ଶ୍ୱରେ ଥିବା ଜଳସେଚନ ବିଭାଗର ୩ ଏକରରୁ ଊର୍ଦ୍ଧ୍ୱ ନୟନଜୋରି ଓ କେନାଲ ବନ୍ଧକୁ ଜବରଦଖଲ କରାଯାଇ ଦୋକାନ କରି ବ୍ୟବସାୟ କରିବା ସହ ଘର କରି ରହିବା ଯୋଗୁଁ ବିରାଟ ସମସ୍ୟା ସୃଷ୍ଟି ହୋଇଛି। ଏଥି ଯୋଗୁଁ ଗୁଲନଗର ଗ୍ରାମର ପ୍ରବେଶ ପଥ ସଙ୍କିର୍ଣ୍ଣ ହେବା ସହ ବର୍ଷାଦିନେ ପାଣି ଜମି ରହି ଗମନାଗମନରେ ସମସ୍ୟା ସୃଷ୍ଟି କରୁଛି। ସେହିପରି ଚାଷଜମିରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନାହିଁ। ଏସମ୍ପର୍କରେ ଜଳସେଚନ ବିଭାଗ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କଟକ- ଚାନ୍ଦବାଲି ରାଜ୍ୟ ରାଜପଥ ପାର୍ଶ୍ୱ ମଧ ଧିରେ ଧିରେ ଜବରଦଖଲ ହେବାରେ ଲାଗିଛି। ତୁରନ୍ତ ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନଦେଲେ ଆଗକୁ ଆହୁରି ସମସ୍ୟା ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

# କେନ୍ଦ୍ରାପଡା ପୌରାଞ୍ଚଳର ଭୂମିହୀନଙ୍କୁ ପଟା ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳରେ ବସବାସ କରୁଥିବା ଭୂମିହୀନଙ୍କୁ ଓଡିଶା ଯାଗା ମିଶନ ଯୋଜନାରେ ଘରଡିହ ପଟା ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୌର ପରିଷଦ ଟାଉନ ହଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସରିତା ସାହୁ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗାପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭୂମିହୀନମାନଙ୍କୁ ପଟା ବଣ୍ଟନ କରିଥିଲେ । ପୌରାଞ୍ଚଳର ୧୭ଟି ବସ୍ତିରେ ରହୁଥିବା ୧୯୧ ଜଣଙ୍କୁ ଏହି ପଟା ବଣ୍ଟନ କରାଯାଇଥିଲା ।




# ରାଜ୍ୟରେ ତିନି ହଜାର କିଲୋମିଟରର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟରର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟରର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟରର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ଏସେଲ୍ସ ପବ୍ଲିକ ସ୍କୁଲର ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ



କଟକ (ପିଏନ୍): କଟକ ସିଡ଼ିଏ ସେକ୍ଟର-୯ସ୍ଥିତ ବିଡ଼ାନାସୀ ଫୁଟବଲ ପଡ଼ିଆଠାରେ ଏସେଲ୍ସ ପବ୍ଲିକ ସ୍କୁଲ ଓ ସିମରିଂ ଷ୍ଟାର ପ୍ଲେ ସ୍କୁଲର ମିଳିତ ଏଗାରତମ ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମୂହର ପରିଚାଳନା ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ର ଏହି କାର୍ଯ୍ୟକ୍ରମକୁ ପୌରୋହିତ୍ୟ କରି ମଶାଲ ପ୍ରଜ୍ୱଳନର ବିଧିବଦ୍ଧ ଉଦ୍‌ଘାଟନ କରିଥିଲେ। କଟକ ସଦରର ଡିଏସଓ ରଶ୍ମୀରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ କ୍ରୀଡ଼ା ନୈପୁଣ୍ୟତାର ଭୂୟଂସୀ ପ୍ରଶଂସା କରି ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମିଶ୍ର ଓ ଡକ୍ଟର ମେଘନା ମିଶ୍ର କୃତୀ କ୍ରୀଡ଼ାବିତମାନଙ୍କୁ ମେଡ଼ାଲ ପ୍ରଦାନ କରି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଆଡ଼ମିନିଷ୍ଟ୍ରେଟର ମିନୁ ପଟ୍ଟନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ଭୂୟାଁ, ପରମିତା ପ୍ରିୟଦର୍ଶିନୀ, ଆରାଧନା ବେହେରା, ଜ୍ୟୋତିର୍ମୟୀ, ସ୍ନେହାଞ୍ଜଳୀ ସ୍ୱାଇଁ, ସାଗରିକା ସାହୁ, ଶିକ୍ଷକ ଧୀରେନ ମଲ୍ଲିକ, ନିଧି ସିଂହ ପ୍ରମୁଖ ପରିଚାଳନା କରିଥିଲେ। ପିଲାମାନଙ୍କ ଅନ୍ତର୍ନିହିତ ସୃଜନଶୀଳତା ସହ ପ୍ରାଚୀନ କ୍ରୀଡ଼ା ନୈପୁଣ୍ୟତା ସହିତ ଦୈନନ୍ଦିନ ସୁସ୍ଥତା ନିମିତ୍ତ ନିୟମିତ ଯୋଗାଭ୍ୟାସ ଓ କୁସ୍ତିକସରତ କରି ଶାରୀରିକ ସାମର୍ଥ୍ୟ ବଢ଼ାଇବା ପାଇଁ ପିଲାମାନଙ୍କୁ ମାର୍ଗଦର୍ଶନ କରି ପରିଚାଳନା ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ର ସମସ୍ତଙ୍କ ସାମଗ୍ରିକ ସହଯୋଗ ପ୍ରେରଣା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ, କ୍ରୀଡ଼ାବିତ ଓ ଶିକ୍ଷାବିତ୍ ପ୍ରମୁଖ ଯୋଗ ଦେଇଥିଲେ।

# ଆସଇ ବସନ୍ତ ଶିଶିର ଅନ୍ତେ...



'ଆସଇ ବସନ୍ତ ଶିଶିର ଅନ୍ତେ, ଦିଶଇ ଧରଣୀ ଚାରୁ କିମନ୍ତେ। ସୌନ୍ଦର୍ଯ୍ୟ ତରଙ୍ଗେ ଭାସଇ ମଇ, ଭୁବନ ଆନନ୍ଦ ନୁହଁଇ କଇ'- ବସନ୍ତ ଋତୁକୁ ନେଇ ଭକ୍ତକବି ମଧୁସୂଦନ ରାଓ 'ବସନ୍ତ' ଶୀର୍ଷକ ପଦ୍ୟାବଳୀରେ ବସନ୍ତ ଋତୁ ବିଷୟରେ ସବିଶେଷ ବର୍ଣ୍ଣନା କରିଛନ୍ତି। ପାବନ ପୂଣ୍ୟକ୍ଷେତ୍ର ପୁରୀ ନଗରୀରେ ୧୮୫୩ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୯ ତାରିଖରେ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୨ ମସିହା ଡିସେମ୍ବର ମାସ ୨୮ ତାରିଖରେ ତାଙ୍କର ଦେହାବସାନ ଘଟିଥିଲା। ଅଷ୍ଟାଦଶ ଶତାବ୍ଦୀରେ ଅଥବା ବ୍ରିଟିଶ ଆଗମନ ପୂର୍ବେ ଯେଉଁ ମରହଟ୍ଟା କ୍ଷତ୍ରିୟମାନେ ଏହି ଦେଶକୁ ଆସି ବାସସ୍ଥାପନ କରିଥିଲେ ତାଙ୍କ ମଧରୁ ମଧୁସୂଦନଙ୍କ ପିତାମହ ସଦାଶିବ ରାଓ ଅନ୍ୟତମ। ପିଲାଦିନରୁ ମଧୁସୂଦନ ସର୍ବଗୁଣରେ ବିଶେଷତଃ ସୁଶୀଳତା ଗୁଣରେ ପ୍ରତିବାସୀମାନଙ୍କର ଶ୍ରଦ୍ଧା ଓ ଅନୁରାଗର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ପିଲାଟିଦିନରୁ ମାଆ ଅମ୍ବିକା ଦେବୀଙ୍କୁ ହରାଇ ଉଭୟ ଲାଳନ ପାଳନ ଓ ଶିକ୍ଷା ବିଧାନ ବାପାଙ୍କ ଠାରୁ ପାଇଥିଲେ। ନିଜ ଜୀବନର ଖଡ଼ିପାଠ ଛୁଆଁ ପ୍ରଥମେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପର ଗ୍ରାମ୍ୟପାଠ ଶାଳାରେ ବିଧିବଦ୍ଧ ଭାବରେ ବର୍ଷକ ପରେ ଭୁବନେଶ୍ୱରସ୍ଥିତ ତାଙ୍କ ବାପାଙ୍କ ଘରେ ରହି ତତ୍କାଳୀନ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ ମଧଶ୍ରେଣୀ ବିଦ୍ୟାଳୟରେ ତାଙ୍କ ନାମ ଲେଖାଯାଇଥିଲା। ସେହି ସମୟ ମାନଙ୍କରେ ବିଦ୍ୟାଳୟରେ ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ଦିଆଯାଉଥିଲା। ପିଲାଟି ଦିନରୁ ତାଙ୍କର ସାରସ୍ୱତ ସାହିତ୍ୟର ପ୍ରତିଭା ବିଦ୍ୟାଳୟର ଶିକ୍ଷକଙ୍କ ଠାରୁ ପରିଦର୍ଶକ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ଜିଲ୍ଲା ସ୍କୁଲ ଠାରୁ ଅନ୍ୟାନ୍ୟ ବିଦ୍ୟାଳୟରେ ସମସ୍ତ ପ୍ରତିଯୋଗିତାରେ ତା ସହିତ ବାର୍ଷିକ ପରୀକ୍ଷାରେ କୃ ିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। କବିବର ରାଧାନାଥ ରାୟଙ୍କ ସାନିଧ୍ୟ ପାଇ ପାରିଥିଲେ। ମଧୁସୂଦନ ଦ୍ୱିତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ରାଧାନାଥ ସେ ବିଦ୍ୟାଳୟର ଦ୍ୱିତୀୟ ଶିକ୍ଷକ ହୋଇଯାଇଥିଲେ। ସେଠାରେ ସେ ମଧୁସୂଦନଙ୍କ ମେଧାବିତା ଏବଂ ସୁଶୀଳତା ଗୁଣରେ ମନ୍ତ୍ରମୁଗ୍ଧ ହୋଇ ତାଙ୍କ ପାଠପଢ଼ା ବ୍ୟକ୍ତିଗତ ଭାବେ ଦେଖୁଥିଲେ। ଏହି ସମୟରେ ଦୁଇଜଣ ସୁପ୍ରସିଦ୍ଧ ପଣ୍ଡିତ ହରିହର ଦାସଙ୍କ ନିକଟରେ ସଂସ୍କୃତ ଚର୍ଚ୍ଚାର ସୁଯୋଗ ପାଇଥିଲେ। ପ୍ରଥମ ବର୍ଷ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିବାରୁ ସେ ପରୀକ୍ଷା ଦେଇପାରି ନଥିଲେ। ପରବ ୀ ସମୟରେ କଟକ ହାଇସ୍କୁଲରେ ଏଫ.ଏ. ଶ୍ରେଣୀରେ ଅଧ୍ୟୟନ ଆରମ୍ଭ କରିଥିଲେ। ମାତ୍ର ଏକାଦଶ ବର୍ଷ ବୟସରେ ପୁରୀବାସୀ ବଲରାଜଜୀଙ୍କ କନ୍ୟା ପଦ୍ମାଦେବୀଙ୍କ ସହିତ ତାଙ୍କର ଶୁଭପରିଣୟ ହୋଇଥିଲା। ପ୍ରଚଣ୍ଡ ଈଶ୍ୱରବିଶ୍ୱାସୀ ଓ ଶିବଙ୍କ ଭକ୍ତ ବାଳକ ମଧୁସୂଦନ ପ୍ରତିଦିନ ଶିବ ଦର୍ଶନ ନକଲେ ଜଳ ଗ୍ରହଣ କରୁନଥିଲେ। ସମୁଦ୍ର କୂଳରେ ଭ୍ରମଣ କରି ତାହାର ଆକାଶର ଅନନ୍ତ ନୀଳିମା ଦର୍ଶନରେ ସେ ମୁଗ୍ଧ ହେଉଥିଲେ। ତେବେ ୧୮୬୭ରେ ଦାରୁଣ୍ୟ ଦୁର୍ଭିକ୍ଷ ମଧୁସୂଦନଙ୍କ ହୃଦୟକୁ କ୍ଷତବିକ୍ଷତ କରିଥିଲା। ବ୍ରାହ୍ମ ଧର୍ମରେ ଦୀକ୍ଷିତ ହୋଇ ମଧୁସୂଦନ ନବ୍ୟ ସମାଜର ଯଥାବିଧି ବ୍ରହ୍ମପାସନାର ସୁବିଧା ନିମି ବ ମାନ ମନ୍ଦିର ଲୋଡ଼ିଥିଲେ। ବ ମାନ ଗଙ୍ଗାମନ୍ଦିରସ୍ଥ ଯେଉଁ ଗୃହରେ ବ୍ରାହ୍ମଉପାସନା ହେଉଅଛି, ସେହି ଘରର ମାଲିକ ତତ୍କାଳୀନ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସ୍ୱର୍ଗୀୟ ଜଗମୋହନ ରାୟ ଏହି ଧର୍ମପ୍ରାଣ ଯୁବକଙ୍କ ଅନୁରୋଧରେ ଗୃହଟିକୁ ଦାନ କରିଥିଲେ। ୧୮୭୧ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଏଫ.ଏ. ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। କଲେଜରେ ପଢୁଥିବାବେଳେ ମଧୁସୂଦନ ବଙ୍ଗଳାର ମେଘନାଦବୋଧ ପ୍ରଭୃତି କାବ୍ୟ ଏବଂ ଓଡ଼ିଆର ତାଳପତ୍ର ପୋଥିରୁ ବୈଦେହିଶ ବିଳାସ ଆଲୋଚନା କରୁଥିଲେ। ସୃଷ୍ଟିକ ୍ଙ୍କ ଉଦ୍ଦେଶ୍ୟରେ ମଧୁସୂଦନ ଲେଖିଯାଇଥିଲେ ପରମେଶ୍ୱର ଶୀର୍ଷକ ଏହି କବିତାଟି 'ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ, ଜଗତର କ ୍। ପରମ ଈଶ୍ୱର ଯାଣୁଛନ୍ତି ପ୍ରତୀକ୍ଷଣେ' ଏହି ଶୀର୍ଷକ ସଙ୍ଗୀତଟି ଆମ ଓଡ଼ିଆ ଘରେ ଘରେ ଏକ ପବିତ୍ର ପଦ୍ୟାବଳୀ। ୧୮୭୩ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୨୯ ତାରିଖରେ ସରକାରୀ ଚାକିରୀ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ମଣିକାଞ୍ଚନ ସଂଯୋଗ ପରି ମଧୁସୂଦନଙ୍କ ସହ ବିଶିଷ୍ଟ ସାରସ୍ୱତ ସାଧକ ତଥା ମହାରାଜ କୁମାର ବୈକୁଣ୍ଠନାଥଙ୍କ ସଂସ୍ପର୍ଶ ପାଇଥିଲେ ଏବଂ ସାରସ୍ୱତ କୀ ି ପାଇଁ 'ଉତ୍କଳ ଦର୍ପଣ' ନାମକ ପତ୍ରିକାଟି ପ୍ରକାଶିତ ହୋଇଥିଲା। ପ୍ରକୃତିପ୍ରେମୀ ମଧୁସୂଦନ ରାଓ ଅନେକ ଲେଖା ଲେଖିଯାଇଛନ୍ତି। 'ଆତ୍ମସମର୍ପଣ', ଶୀର୍ଷକ ପଦ୍ୟାବଳୀରେ - 'ଏ କ୍ଷୁଦ୍ର ପ୍ରାଣର ପ୍ରେମ ପ୍ରତିଦାନ ପାଦପଦ୍ମେ ପ୍ରାଣବଳୀ, ଅର୍ପଇ ଆନନ୍ଦେ, ଘେନ ମହାପ୍ରଭୁ ଘେନ ଏ ଦୁଖୀର ଅଳି'। ବିଧିର ବିଧାନ ପାଇଁ 'ବିଧିବିଧାନ'ରେ ଲେଖିଛନ୍ତି - 'ସେହିତ ଧର୍ମ ସନାତନ ଧରି ରଖିଛି ଏ ଭୁବନ, ସେ ଧର୍ମପଥ ମଧୁମୟ, ତାହାକୁ କରହେ ଆଶ୍ରୟ'। ଆଧୁନିକ ଉତ୍କଳ ସାହିତ୍ୟ ଓ ଯୁବକ ସମାଜରେ ପ୍ରାଣରେ ଯେଉଁ ରତିନୀତିର ପୁଣ୍ୟଶ୍ରୀ ଦେଖାଯାଉଅଛି ତାହାରି ମୂଳରେ ମଧୁସୂଦନଙ୍କ ପ୍ରେରଣା ରହିଛି। ସେ ଅତ୍ୟନ୍ତ ସତ୍ୟନିଷ୍ଠ ଓ ନ୍ୟାୟପରାୟଣ ଥିଲେ। ଅତିଥି ସେବା ଥିଲା ତାଙ୍କର ପ୍ରିୟ କାର୍ଯ୍ୟ। କେହି କେହି କୁହନ୍ତି ଇଂଲଣ୍ଡର କବି ଟେନିସନ୍‌ଙ୍କ ପରି ତାଙ୍କର ସ୍ଥାନ ଅନ୍ୟ କବି ଦ୍ୱାରା ପୂର୍ଣ୍ଣ ହେବାର ନାହିଁ। ଓଡ଼ିଆ ସାରସ୍ୱତ ସାହିତ୍ୟ ଜଗତକୁ ଅନେକ ପୁରାଣ କବିତା ଗ୍ରନ୍ଥ ଛାନ୍ଦମାଳା, ବିବିଧ କବିତା ଠାରୁ ଅନ୍ୟାନ୍ୟ ସାହିତ୍ୟ ପ୍ରତି ସେ ଲେଖାଲେଖି କରୁଥିଲେ। ତାଙ୍କରି ପରଲୋକ ଗତା ସୁଲକ୍ଷଣା ଦେବୀ ଶୀର୍ଷକ କବିତାରେ ତାଙ୍କରି ଭାଷାରେ ଲେଖୁଛି- 'ଶାନ୍ତିସୁଧା ପାନ କର ସ୍ୱର୍ଗରେ, ଭୁଞ୍ଜ ମା' ଅମୃତ ଆନନ୍ଦଭରେ, ଲଭିଣ ଉଦାରତର ଜୀବନେ, 'ଜଣାଣ'କର ମା' ବିଭୁଚରଣେ, ଯେହ୍ନେ ଭକ୍ତି ଅନୁସରି, ଏଭବେ ପାଷାଣ ହୃଦ ଦ୍ରବିଯାଉ, ପାପ ଯାଉ ଅପସରି'।

# ବ୍ୟବସାୟୀଙ୍କୁ ଏସିଡ୍ ଫିଙ୍ଗିବା ଅଭିଯୋଗରେ ୩ ଗିରଫ

ଧର୍ମଶାଳା (ପିଏନ୍): ଜାରକା ମେନ୍ ମାର୍କେଟ୍ ବଣିକ ସଂଘ ସଭାପତି ଅଶୋକ କୁମାର ସାହୁଙ୍କୁ ଆକ୍ରମଣ ଓ ଏସିଡ୍ ପିଙ୍ଗିବା ଅଭିଯୋଗରେ ଧର୍ମଶାଳା ଥାନା ପୁଲିସ୍ ୨ଜଣ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜାରକାର ଝୁନୁଲତା ବରାଳ, ଝରଣା ପଲେଇ ଓ ନିହଲପ୍ରସାଦ ଗ୍ରାମର ହେମନ୍ତ ସେଠୀଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବ୍ୟବସାୟୀ ଅଶୋକ(ମିଟୁ) ଓ ଝୁନୁଲତା ମଧ୍ୟରେ କିଛିଦିନ ହେଲା ବିବାଦ ଲାଗି ରହିଥିଲା। ଗତ ୧୯ ତାରିଖ ପୂର୍ବାହ୍ଣରେ ଅଶୋକ ଜାରକା କାର୍ ଷ୍ଟାଣ୍ଡରେ ଡ୍ରାଇଭରଙ୍କ ସହିତ ଆଲୋଚନା କରୁଥିବା ବେଳେ ଝୁନୁ ପହଁଚି ଅଶୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲା। ଏହାକୁ ବିରୋଧ କରିବାରୁ ଝୁନୁ ହଠାତ୍ ଅଶୋକଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲା। ଏସିଡ୍ ଅଶୋକଙ୍କ ସାର୍ଟପ୍ୟାଉଟ୍‌ରେ ପଡ଼ିବାରୁ ସେ ଅଳ୍ପକେ ବର୍ତି ଯାଇଥିଲେ। ଏଥିରେ ଝରଣା ଓ ହେମନ୍ତ ସହଯୋଗ କରିଥିଲେ। ଏ ସଂପର୍କରେ ଆଶୋକ ଗତ ୨୦ ତାରିଖରେ ଜାରକା ପୁଲିସ୍ ବିଟ୍ ହାଉସ୍‌ରେ ଏତଲା ଦେଇଥିଲେ। ପୁଲିସ୍ ୬୯୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଲ୍ଲେଖଯୋଗ୍ୟ, ଝୁନୁଲତା ନାଁରେ ଥାନା ଓ ଫାଣ୍ଡିରେ ଏକାଧିକ ମାମଲା ରହିଥିଲା। ସହଯୋଗୀ ଝରଣା ଓ ହେମନ୍ତ ବିଭିନ୍ନ ମାମଲାରେ ତା' ସପକ୍ଷରେ ସାକ୍ଷୀ ଦେଉଥିଲେ।

# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶୃତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧମ ବିଭାଗ ଅଧକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଊର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଊର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday August 20 2024 ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୨୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କୋଲକାତା ଡାକ୍ତରଙ୍କ ଲୋମହର୍ଷକାରୀ ଦୁଷ୍କର୍ମ ପ୍ରତିବାଦରେ ଶୋଭାଯାତ୍ରା ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ସାରା ଦେଶ ରେ ବର୍ତ୍ତମାନ କୋଲକାତା ଡାକ୍ତର ଙ୍କ ବର୍ବୋରୋଚ଼ିତ ଏବଂ ଲୋମହର୍ଷକାରୀ ଦୂର୍ଷ୍କର୍ମ ଏବଂ ହତ୍ୟା କାଣ୍ଡ ଚ଼ାଞ୍ଚଲ୍ୟ ସୃଷ୍ଟି କରିଛି। ସାରା ଦେଶ ଜଳୁଛି ଏହି ଘଟଣା ରେ। ଏହି କ୍ରମ ରେ ଓମ୍ ସାଇ ଟ୍ରଷ୍ଟ ପକ୍ଷ ରୁ ଅଧ୍ୟକ୍ଷା ମମତା ପାଟ୍ଟଶାଣୀ ଙ୍କ ନେତୃତ୍ୱ ରେ ଏକ ପ୍ରତିବାଦ ସଭା ସହ ମହମ ବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୋଖରୀପୁଟ ସ୍ଥିତ NCSCDA ପ୍ରାଙ୍ଗଣ ରୁ ଦିବ୍ୟାଙ୍ଗ ଛାତ୍ର ମାନେ ଶୋଭାଯାତ୍ରା ରେ ଯାଇ ମନ୍ଦିର ପ୍ରାଙ୍ଗଣ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ମୌମିତା ଘଟଣା ର ନ୍ୟାୟ ଏବଂ ତଦନ୍ତ ଦାବି କରିବା ସହ ଦିବ୍ୟାଙ୍ଗ ବାଳିକା ମାନେ ନିଜର ସୁରକ୍ଷା ଦାବି କରି ସମାଜ କୁ ଏକ ଭିନ୍ନ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ




ଡାକ୍ତର ଅଂଶୁମାନ କର, ଓଲିଉଡ ଅଭିନେତ୍ରୀ ବିଦୁସ୍ମିତା ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ଗାୟତ୍ରୀ ରାଉତ ଯୋଗ ଦେଇ ନାରୀ ସୁରକ୍ଷା ଏବଂ ସଚେତନତା ର ବାର୍ତ୍ତା ଦେଇଥିଲେ। ଏହି ପ୍ରତିବାଦ ସଭା ଏବଂ ମହମବତୀ ଶୋଭାଯାତ୍ରା ରେ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ସୁନିଲ ପାଟ୍ଟଶାଣୀ, ଶାଶ୍ୱତୀ ମିଶ୍ର, ଜ୍ୟୋତିର୍ମୟୀ ଖଟୁଆ,ମନୋଜ ପରିଡ଼ା ଏବଂ ଦେବୀ ପ୍ରସାଦ ଦାଶ ସହଯୋଗ କରିଥିଲେ। NCSCDA ର ମୁଖ୍ୟ ସୋନାଲି ସୁମନ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିବା ରେ ବିଶେଷ ସହାୟତା କରିଥିଲେ।

## ରାଧାରାହାସବିହାରୀଙ୍କ ଝୁଲଣ ଯାତ୍ରା ଉଦ୍‌ଯାପିତ

ଧର୍ମଶାଳା,୧୯।୮(ପିଏନ୍): ଧର୍ମଶାଳା ବ୍ଲକ ଚୋର ମୁହାଁ ଗ୍ରାମର ଇଷ୍ଟ ଦେବତା । ଶ୍ରୀ ଶ୍ରୀ ରାହାସ ବିହାରୀ ଜୀୟୁଙ୍କ ଝୁଲଣ ଯାତ୍ରାଗତକାଲିରାତିରେ ଉଦଯାପିତ ହୋଇଯାଇଛି। ଚୋର ମୁହାଁ ଗ୍ରମରଇଷ୍ଟ ଦେବତାଙ୍କଏହି ପାରମ୍ପରିକ ଝୁଲଣ ଯାତ୍ରା କାହିଁ କେଉଁ କାଳରୁ ହୋଇ ଆସୁଛି। ପତ୍ରେ୍ୟକ ବର୍ଷ ଏହି ସମୟରେ ପଂଚଦିନ ବ୍ୟାପି ଅନୁଷ୍ଠିତ ଉତ୍ସବରେ ରାଧାକୃଷ୍ଣଙ୍କ ଯୁଗଳ ମୁର୍ତୀକୁସୁସଜିତ ଏକ ଦୋଳିରେବିରାଜମାନ କରାଇ ଝୁଲାଯାଇଥାଏ ଯାହାକୁ ଝୁଲଣ ଯାତ୍ରା କୁହାଯାଇଥାଏ ।



ଭାଗବତ ପ୍ରଚ଼ାର ସମିତିର ମୁଖ୍ୟ ଶ୍ରୀ ବାୟା ବାବା ମୂଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କୁ ସୌଜନୀ ମୂଳକ ଭାବେ ସାକ୍ଷାତ କରି ଆଶୀର୍ବାଦ କରିଥିଲେ। ନିକଟରେ ସମିତିର ଉପଦେଷ୍ଟା ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର,ସମ୍ପାଦକ ଶ୍ରୀ ଜ୍ଞାନରଞ୍ଜନ ସାମନ୍ତରାୟ ଓ ଶ୍ରୀ ରବି ମହାନ୍ତ

## ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କୁ ସୃଜନୀ (ଚେନ୍ନାଇ)ର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପି.ଏନ): ସୃଜନୀ ପରିବାର (ଚେନ୍ନାଇ) ଗତ ବୁଧବାର ୧୪ ଅଗଷ୍ଟ ସନ୍ଧ୍ୟା ରେ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ,ବିଧାୟିକା ଓ ସାହିତ୍ୟିକା ସରଳା ଦେବୀଙ୍କ ୧୨୧ତମ ପବିତ୍ର ଜନ୍ମ ଦିବସ ଓ ଭାରତମାତାର ୭୮ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ଅନୁପମ କାର୍ଯ୍ୟକ୍ରମ ' ସ୍ୱାଧୀନତାର ଅମୃତ ମହୋତ୍ସବ ' ଆଭାସୀ ମାଧ୍ୟମ ରେ ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ସଭାରେ ପ୍ରମୁଖ ବକ୍ତା ତଥା ଆଲୋଚ଼କ ଭାବରେ ସମ୍ପାଦକ,ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ,ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଶ୍ରୀଯୁକ୍ତ ଗୁରୁକଲ୍ୟାଣ ମହାପାତ୍ର,ପ୍ରାକ୍ତନ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ,କିସ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା ଓଡ଼ିଶା ଇତିହାସ କଂଗ୍ରେସର ଅଧ୍ୟକ୍ଷ,ବିଶିଷ୍ଟ ଐତିହାସିକ ପ୍ରଫେସର୍ ଡ଼ ନିହାର ରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ତଥା ଗବେଷକ ଡ଼କ୍ଟର ଭି .ରାଜେନ୍ଦ୍ର ରାଜୁ, ସୃଜନୀ ପରିବାର ଉପଦେଷ୍ଟା ତଥା ସାରସ୍ୱତ ସାଧିକା ଡକ୍ଟର ବାସନ୍ତୀ ମହାନ୍ତି, ମହିୟସୀ ମହିଳା ସରଳା ଦେବୀଙ୍କ ପୌତ୍ରୀ ଶ୍ରୀମତୀ ନିବେଦିତା ମହାନ୍ତି ଆଦି ଯୋଗଦେଇ ନିଜ ବକ୍ତବ୍ୟ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଓଡ଼ିଆର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାର ନାରୀ ଜାଗରଣ ରେ ଓଡ଼ିଶାର ସମସ୍ତ ମହିୟସୀ ମହିଳାଙ୍କ ଉତ୍ସର୍ଗିତ ଜୀବନ ତଥା ସରଳା ଦେବୀ କିପରି ନିଜକୁ ଭାରତର ସ୍ୱାଧୀନତା ଆନ୍‌ଦୋଳନରେ ନିଜକୁ ସାମିଲ କରି ଏ ଜାତି ପାଇଁ ସମ୍ପୂର୍ଣ୍ଣ ଭାବରେ ନିଜକୁ ଜଳାଞ୍ଜଳୀ ସହ ମହିୟସୀଙ୍କ ଅବଦାନ ପ୍ରସଙ୍ଗରେ ରେ ବକ୍ତା ପ୍ରମୁଖ ନିଜସ୍ୱ ଅଭିମତ ସହ ସ୍ମୃତି-ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ଓ ଏହି ବିଶେଷ ଅବସରରେ ଆୟୋଜିତ ସଭାରେ ସୃଜନୀ ପରିବାରର ମୁଖ୍ୟ ଉପଦେଷ୍ଟା ଅବସରପ୍ରାପ୍ତ ଆଇ ଏଫ୍ ଏସ୍ ଶ୍ରୀଯୁକ୍ତ ଆଶୁତୋଷ ସାମନ୍ତସିଂହ ନାଳନ୍ଦା ବିଶ୍ୱବିଦ୍ୟାଳୟର ଡିନ ପ୍ର.ଗୋଦାବରୀଶ ମିଶ୍ର, ସଂପାଦକ ଶ୍ରୀ ଅଶୋକ କୁମାର ସାମନ୍ତ ,କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଘ୍ନେଶ୍ୱର ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଉକ୍ତ ଆଭାସୀ କାର୍ଯ୍ୟକ୍ରମରେ ଉପସ୍ଥାପିକା ଶ୍ରୀମତୀ ସୁମତି ମୁଣ୍ଡ,ସଂଚ଼ାଳକ ଶ୍ରୀମାନ ରମେଶ ଚ଼ନ୍ଦ୍ର ପସାଏତ୍ ଙ୍କ ଦ୍ୱାରା କାର୍ଯ୍ୟକ୍ରମ ସୁଚ଼ାରୁ ରୂପେ ପରିଚ଼ାଳିତ ହୋଇଥିଲା ଓ ପ୍ରସାରଭାରତୀର କଣ୍ଠଶିଳ୍ପୀ ଶ୍ରୀମତୀ ବିଦ୍ୟୁତପ୍ରଭା ପଟ୍ଟନାୟକ, ଗୀତିକାର ତଥା କଣ୍ଠଶିଳ୍ପୀ ଶ୍ରୀମତୀ ଆନନ୍ଦିନୀ ମିଶ୍ର, ସାହିତ୍ୟିକା ତଥା 'ମକର 'ର ସହ ସମ୍ପାଦିକା ଶ୍ରୀମତୀ ମହାସ୍ମିତା ଓଝା , ସାହିତ୍ୟିକା ଶ୍ରୀମତୀ ପ୍ରିୟଦର୍ଶନୀ ମହାରଣା ଏବଂ ବହୁ ମାନ୍ୟଗଣ୍ୟ ବିକ୍ତିତ୍ୱ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ

ଭୁବନେଶ୍ୱର,(ପି.ଏନ):ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ଦେଶଭକ୍ତିର ଭାବନା ଏବଂ ଉତ୍ସାହ ସହିତ ୭୮ତମ ସ୍ୱାଧିନତା ଦିବସ ପାଳନ କରାଗଲା । ଏମସିଏଲ ର ଅଧ୍ୟକ୍ଷ ସହ ପ୍ରବନ୍ଧନିର୍ଦ୍ଦେଶ ଶ୍ରୀ ଉଦୟ ଅନନ୍ତ କାଓ୍ୱଲେ ପତାକା ଉତୋଳନ କରି ସୁରକ୍ଷା କର୍ମୀ, ଏନସିସି, ସ୍କାଉଟ ଏବଂ ଗାଇଡ୍ ଓ ବିଭିନ୍ନ ବିଦ୍ୟାଳୟ ର ୧୭ ମାର୍ଚ୍ଚିଙ୍ଗ କଂଟିଜେଂଟ୍ ତରଫରୁ ଅଭିବାଦନ ଗ୍ରହଣ କରିଥିଲେ ।ଏହି ଅବସରରେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ), ଶ୍ରୀ ପି କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ, ଶ୍ରୀ ଜେ କେ ବୋରା, ନିର୍ଦ୍ଦେଶକ (ଟେକନିକ/ସଂଚାଳନ), ଶ୍ରୀ ଏ କେ ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏ ଏସ ବାପଟ, ନିର୍ଦ୍ଦେଶକ (ଟେକନିକ/ଯୋଜନା ଏବଂ ପରିଯୋଜନା) ଉପସ୍ଥିତ ଥିଲେ ।ଏହି ସ୍ୱତନ୍ତ୍ରତା ଦିବସ ଅବସରରେ ଶ୍ରୀ କାଓ୍ୱଲେ, ସିଏମଡି ସ୍ୱାଧିନତା ସେନାମାନଙ୍କୁ ଶ୍ରଦ୍ଧାଞ୍ଜଳୀ



ଅର୍ପଣ କରି ଏବଂ ମାନନୀୟ ଜନପ୍ରତିନିଧି, ରାଜ୍ୟ ପ୍ରଶାସନ, ପ୍ରେସ/ମେଡିଆ, ଠିକାଦାର ଓ ଶ୍ରମିକ ଏବଂ ପାଖ ଗାଁ ର ଲୋକ ମାନଙ୍କୁ ଶୁଭକାମନା ଜଣାଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶଭକ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଂଗ ଭରି ଦେଇଥିଲା ।ଶ୍ରୀ କାଓ୍ୱଲେ, ସିଏମଡି ବିଶ୍ୱ ପାର୍ଯ୍ୟାବରଣ ଦିବସ ଅବସରସରେ "Our Land, Our Future. We Are Generation Restoration" ନିମ୍ନ ଗଛ ବୃକ୍ଷରୋପଣ ଅଭିଯାନ ର ଶୁଭାରମ୍ଭ କରିଥିଲେ ଓ ଏହାର ମହତ୍ୱ କହିଥିଲେ।

## ବେଦର ପ୍ରତ୍ୟେକ ମନ୍ତ୍ର ବିଶ୍ୱର କଲ୍ୟାଣ ପାଇଁ ଉଦ୍ଦିଷ୍ଟ

ଭୁବନେଶ୍ୱର, (ପି.ଏନ): ପ୍ରାଚୀନ ବୈଦିକ ଯୁଗରୁ ମୁନିଋଷିମାନେ ଚତୁର୍ମାସ୍ୟା ବ୍ରତ ପାଳନ କରି ଶ୍ରାବଣ ପୂର୍ଣ୍ଣିମା ଠାରୁ ବିଭିନ୍ନ ଗ୍ରାମ ଓ ଜନପଦ ଭ୍ରମଣ କରି ବେଦ ଓ ବୈଦିକ ବିଚ଼ରକୁ ଜନମାନସରେ ବିତରଣ କରୁଥିଲେ। ଏହି ଦିବସକୁ ସ୍ମରଣ କରି 'ଶ୍ରାବଣୀ ଉପାକର୍ମ' ପର୍ବ ଏକ ବୈଦିକ ପର୍ବ ଭବେ ପାଳିତ ହୋଇଆସୁଛି।ଶ୍ରାବଣ ପୂର୍ଣ୍ଣିମା ଅବସରରେ ଆଜି ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ଓଡିଶା ପକ୍ଷରୁ ପୂର୍ବ ବର୍ଷମାନଙ୍କ ଭଳି ଚଳିତବର୍ଷ ଶ୍ରାବଣୀ ଉପାକର୍ମ ଓ ରକ୍ଷାବନ୍ଧନ ଉତ୍ସବ ଶ୍ରୀ ଅରବିନ୍ଦ ନଗରସ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ସଭା ମଣ୍ଡପରେ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌରହିତ୍ୟ କରି ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆର୍ଯ୍ୟ ସଂସ୍କୃତି ଓ ପରମ୍ପରାକୁ ଏହିଦିନ ଆମକୁ ମନେ ପକାଇ ଦେଇଥାଏ। ଉତ୍ସବକୁ



ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଦେବଋଣ, ଋଷିଋଣ, ପିତୃଋଣ ପରିଶୋଧର ସଂକଳ୍ପକୁ ପୁନଃ ଜାଗୁରିକ କରିବା ପାଇଁ ଆଜିର ଦିନରେ ଯଜ୍ଞ ଉପବିତକୁ ପରିବ ର୍ନ କରି ନୂତନ ଯଜ୍ଞ ଉପବିତ ଧାରଣ କରାଯାଇଥାଏ ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥି କହିଲେ ଯେ ଆଜିର ଦିବସ ଏକ ମହନୀୟ ଦିବସ, ସ୍ୱଭାବ କବି ଗଙ୍ଗାଧରଙ୍କ ଜନ୍ମ ଦିବସ, ସଂସ୍କୃତ ଦିବସ ଭାବେ ସର୍ବଭାରତୀୟସ୍ତରରେ ପାଳିତ ହେଉଛି। ଆମ ସଂସ୍କୃତି ଓ ପରମ୍ପରା ପ୍ରତି ଯୁବକମାନଙ୍କୁ ଆକୃଷ୍ଟ କରାଇବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍। ପଦ୍ମଶ୍ରୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ ଡଃ ବୁଦ୍ଧଦେବ ମିଶ୍ର, ବିଶିଷ୍ଟ ଶ୍ରମିକ ନେତା କିଶୋର ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆମ ପୂର୍ବ ଐତିହାସିକ ଗାଥା ରାଣୀ କର୍ଣ୍ଣାବତୀ ନିଜର ରକ୍ଷା ପାଇଁ ଦିଲ୍ଲୀ ସମ୍ରାଟ ହୁମାୟୁନଙ୍କ ନିକଟକୁ ପଠାଇଥିବା ରକ୍ଷାସୂତ୍ରକୁ ସ୍ମରଣ କରାଇ ସେହି ଐତିହାସିକ ଯୁଗରୁ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ରହିଆସିଛି ବୋଲି କହିଥିଲେ। ଏହି ଅବସରରେ ବୈଦିକ ଶାନ୍ତି ଯଜ୍ଞ ଆଚ଼ର୍ଯ୍ୟ ଧର୍ମରାଜ, ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସମାଜର ଡିଜିଟାଲ ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର ସସ୍ତ୍ରୀକ ଯଜମାନ ଭାବେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଓ ନଳିନୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମରେନ୍ଦ୍ର ମହାପାତ୍ର, ପାଳାଚ଼ର୍ଯ୍ୟ ନାରାୟଣ ଶୁକ୍ଳା, ବାସ୍ତୁବିତ୍ ଶିଖ୍ତା ମହାପାତ୍ର, ଗୋସେବକ କମଳ ଅଗ୍ରୱାଲ, କବୟିତ୍ରୀ ସବିତା ଶୁକ୍ଳା, ପ୍ରମୁଖ ବହୁଛାତ୍ର ଯୁବକ, ମହିଳା ଯୋଗଦେଇ ନୂତନ ଯଜ୍ଞ ଉପବିତ ଧାରଣ କରିବା ସହ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ଦ୍ୱାରା ରକ୍ଷା ସୂତ୍ର ବନ୍ଧନ କରିଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଞ୍ଜୟ ନାୟକ, ଅଭିମନ୍ୟୁ ପାଢୀ, ବରୁଣ ରାଜ ଓ ଭବାନୀକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚ଼ଳନା କରିଥିଲେ।

## ରାକ୍ଷୀ ପୂର୍ଣ୍ଣିମା ଅବସରରେ 'ବୃକ୍ଷ ହାତେ ରାକ୍ଷୀ' କାର୍ଯ୍ୟକ୍ରମ

ବାଲିଅନ୍ତା,(ପି.ଏନ): ସହରୀକରଣର ମାୟା ଜାଲରେ ଆଜିର ମଣିଷ ଆକାଶ ଛୁଆଁ ପ୍ରାସାଦ ନିର୍ମାଣ କରିବା ନେଇ ନିଜ ନିଜ ଭିତରେ ପ୍ରତିଯୋଗିତା ମନୋଭାବ ଲକ୍ଷ୍ୟ ନେଇ ପ୍ରାକୃତିକ ପରିବେଶ ଓ ବୃକ୍ଷର ସୁରକ୍ଷାକୁ ଅଣଦେଖା କରୁଛି । ପରିବେଶ ଅସନ୍ତୁଳିତ ଅବସ୍ଥା ଏପରି ଏକ ଘଡି ସନ୍ଧି ସମୟରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା କୁ ନିଆରା ଢଙ୍ଗରେ ପାଳନ କରିଛି କାଞ୍ଚନ ଫାଉଣ୍ଡେସନ ଓ ନିର୍ଭିକ ଖବର । 'ବୃକ୍ଷ ହାତେ ରାକ୍ଷୀ' ନାମକ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ ରାକ୍ଷୀ ବାନ୍ଧି ପରିବେଶକୁ ସୁରକ୍ଷା କରିବାର ବାର୍ତ୍ତା ଦେଇଛନ୍ତି। କାଞ୍ଚନ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନର ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତର



ଯଶୁଆପୁର ଶ୍ମଶାନ ପରିସରରେ ଥିବା ଜଙ୍ଗଲରେ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ତଥା ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ , ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ଉପଦେଷ୍ଟା ବିଦୁଭୂଷଣ ପଟ୍ଟନାୟକ, ଶିକ୍ଷାବିତ ନାରାୟଣ ବେହେରା, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ , ଆଶୁତୋଷ ଚୌଧୁରୀ ପ୍ରମୁଖ ଯୋଗଦେଇ ବୃକ୍ଷରେ ରାକ୍ଷୀ ବାନ୍ଧି ପରିବେଶକୁ ସୁରକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ତପନ କୁମାର ସ୍ୱାଇଁ, ଲକ୍ଷ୍ମଣ ଜେନା , ହରେକୃଷ୍ଣ ମହାରଣା, କାର୍ତ୍ତିକ ରାଉତ , ଧ୍ରୁବ ସୁନ୍ଦର ରାଉତଙ୍କ ସମେତ କିଛି ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray